ସକାଳ
THE SAKALA



■ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା

# ୪ ସପ୍ତାହରେ ରିପୋର୍ଟ ଦାଖଲ ପାଇଁ ଏସ୍‌ପିଙ୍କୁ ମାନବାଧିକାର ଆୟୋଗଙ୍କ ନିର୍ଦ୍ଦେଶ

ଲକ୍ଷ୍ମୀପୁର,୨୧।୩(ସମିସ):

ଗତ ୨୦୨୫ ଫେବୃଆରୀରେ ଘଟିଥିବା କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ଓଡ଼ିପେଣ୍ଠ ପଞ୍ଚାୟତ ଅଞ୍ଚଳର ୧୪ବର୍ଷିୟ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣାରେ ପୀଡ଼ିତାକୁ ୨୦ ଲକ୍ଷ ଟଙ୍କାର କ୍ଷତି ପୂରଣ ପ୍ରଦାନ ଦାବି କରି ସୁବ୍ରତ କୁମାର ଦାଶ, ନ୍ୟାୟ ପାଇଁ ଲଢେଇ ପରିବାରର ଓଡ଼ିଶା ସଭାପତି ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୫ ମସିହା ଘଟଣା ଦିନ ହିଁ ଜାତୀୟ ମାନବାଧିକାର ଆୟୋଗ ପାଖରେ ଏକ ପିଟିସନ୍ ଦାୟର କରି ଥିଲେ ଶ୍ରୀ ଦାଶ । ତାହା ୨୦୨୬ ମସିହାରେ ପଞ୍ଜିକୃତ ହୋଇ ଶନିବାର ଦିନ ବିଚାର ବିଭାଗକୁ ଆସିଥିଲା। ଏଥିରେ ଜାତୀୟ ମାନବାଧିକାର ଆୟୋଗ କୋରାପୁଟ ଜିଲ୍ଲା ଏସପିଙ୍କୁ ୪ ସପ୍ତାହ ମଧ୍ୟରେ ଉକ୍ତ ଘଟଣାର ସମସ୍ତ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସେ ନିର୍ଦ୍ଦେଶ କରିଥିବା ଜଣାପଡ଼ିଛି।

ଡ୍ରେନ୍‌ରେ ଦବିଲା ପାଇଖାନା ଟାଙ୍କି ଗାଡ଼ି

# ସଫେଇ କର୍ମଚାରୀ ଆହତ

ଉମରକୋଟ,୨୧।୩(ସମିସ):



ଦୁଇ ଦିନ ହେବ ପୌର ପରିଷଦର ସଫେଇ କର୍ମଚାରୀମାନେ ମାସକୁ ୩୦ ଦିନ ଦରମା ଓ କଳସୀ ଯାତ୍ରା ପାଇ ଏକ ମାସର ଅଗ୍ରିମ ଦରମା ଦାବିକରି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ସଫେଇ କର୍ମଚାରୀମାନଙ୍କ ଦାବି ଠିକା ସଂସ୍ଥା ପୂରଣ କରିଥିବାରୁ ଆଜି ଠାରୁ ସଫେଇ କର୍ମଚାରୀମାନେ କାର୍ଯ୍ୟରେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆଜି ପୌର ପରିଷଦର ପାଇଖାନା ସଫେଇ ଟ୍ରାକ୍ଟର ଜଣକ ଘରେ ସଫେଇ କରିବାକୁ ଯାଉଥିବା ସମୟରେ ମେଡିକାଲ ଯିବା ରାସ୍ତାରେ ଡ୍ରେନ୍‌ରେ ଗାଡିଟି ଦବି ଯାଇଥିଲା। ଯାହା ଫଳରେ ସଫେଇ କର୍ମଚାରୀଙ୍କ ଗୋଡ଼ରେ ଆଘାତ ଲାଗିବା ସହ ଡାହାଣ ହାତର ମଝି ଆଙ୍ଗୁଠିର ଅଗ୍ର ଭାଗ କଟି ଯାଇଥିଲା। ଶଙ୍କରଙ୍କ ଗୋଡ ପାଇଖାନା ଗାଡି ତଳେ ଚାପି ହୋଇ ରହିଯାଇଥିଲା। ସ୍ଥାନୀୟ କିଛି ଲୋକେ ଶଙ୍କରଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସଫଳ ହୋଇ ପାରିନଥିଲେ। ଶେଷରେ ଅଗ୍ନିଶମ ବାହିନୀ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଶଙ୍କରଙ୍କୁ ଉଦ୍ଧାର କରି ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଖବରପାଇ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୋଳିଆ ଡାକ୍ତରଖାନାରେ ପହଞ୍ଚି ଶଙ୍କରଙ୍କ ଦେହ କଥା ବୁଝିଥିଲେ। ପ୍ରାଥମିକ ଚିକିତ୍ସା ପରେ ଶଙ୍କରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବାରୁ ଘରକୁ ଛାଡି ଦିଆଯାଇଛି। ସୌଭାଗ୍ୟବଶତଃ ଶଙ୍କର ଏକ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ସୂଚନା ଥାଉକି ଗତ କିଛି ଦିନ ହେବ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ଯିବା ରାସ୍ତାର ପ୍ରଶସ୍ତିକରଣ ଚାଲିଛି। ଏହି ପରିପ୍ରେକ୍ଷୀରେ ରାସ୍ତା କଡରେ ଡ୍ରେନ କାମ କରାଯାଇଥିଲା। ଉକ୍ତ ଡ୍ରେନ ଉପରେ ଯେଉଁ ସୁରକ୍ଷା ପ୍ଲେଟ ପକାଯାଇଛି। ଉକ୍ତ ପ୍ଲେଟ ଗୁଡିକ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଯାହା ଫଳରେ ଆଜି ଏହି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଠିକାଦାର କାମ କରୁଛି କିନ୍ତୁ ଯନ୍ତ୍ରୀ ଆସି କାମ ତଦାରଖ କରୁନାହାନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି।

# ଅଣକ୍ୟାଡର ସରକାରୀ ଓକିଲଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ନବରଙ୍ଗପୁର,୨୧।୩(ସମିସ): ସ୍ଥାନୀୟ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଅଶୋକ ମେହେଟା ସମ୍ମିଳନୀ କକ୍ଷରେ ନବରଙ୍ଗପୁର ଜିଲ୍ଲାର ଅଣକ୍ୟାଡର ସରକାରୀ ଓକିଲମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁଙ୍କ ଦ୍ୱାରା ଉଦଘାଟିତ ଏହି ପ୍ରଶିକ୍ଷଣ ଶିବିରରେ ଉପ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଜିଲ୍ଲା ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରା, ଉପ-ନିର୍ଦ୍ଦେସିକା, ଅଭିଯୋଜନ ବିଭାଗ ଶୈଳଜା ପଟ୍ଟନାୟକ, ଅଜିତ କୁମାର ପଟ୍ଟନାୟକ, ନିଦର୍ଶିନୀ ରଥ, ସହ-ନିର୍ଦ୍ଦେଶକ ରୁପେଶ ପ୍ରଧାନୀ, ପବ୍ଲିକ ପ୍ରସିକ୍ୟୁଟର ମନୋଜ ଏକ୍କା, ସୁନନ୍ଦା ପ୍ରଧାନ, ଡ଼କ୍ଟର ଶିକ୍ଷା ରଥ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ପ୍ରମୁଖ ଉପସ୍ଥିତ ରହି ନବ ନିଯୁକ୍ତ ସରକାରୀ ଓକିଲମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ଆଇନ ଅନୁସାରେ ଦୋଷୀମାନଙ୍କୁ କିଭଳି ଭାବରେ ଅଧିକରୁ ଅଧିକ ଦଣ୍ଡ ବିଧାନ କରାଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ପାଢ଼ୀ, ମୃତ୍ୟୁଞ୍ଜୟ ମହାରଣା,ସରୋଜ କୁମାର ବେହେରା, ସିମାଞ୍ଚଳ ପାଢ଼ୀ, ଶ୍ରୀକାନ୍ତ କୁମାର ପଣ୍ଡା, ସଞ୍ଜୀବ କୁମାର ଭକ୍ତ,ତପନ କୁମାର ସିଂ, ରାମଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ଗଣ୍ଡ, ବିଧୁ ଶେଖର ତ୍ରିପାଠୀ, ଶତାବ୍ଦୀ ପାଳ, ସ୍ୱାଗତିକା ସାମନ୍ତରାୟ, ଅରୁଣ ପ୍ରସନ୍ନ ନାୟକ, ଏକାମ୍ର ବିଷୋୟୀ, ସୁଧୀର କୁମାର ବେହେରା, ସୁବାଷ ପଟ୍ଟନାୟକ, ସିମାଞ୍ଚଳ ମଲ୍ଲିକ, ଦିବାନ ସିଂ, କିଶୋରୀ ପଟ୍ଟନାୟକ, ଗୋପୀନାଥ ସାହୁ, ଶିବ ଶଙ୍କର ପତି, ଦିବ୍ୟ ରଞ୍ଜନ ପାତ୍ର, କ୍ରିଷ୍ଣା ରାୟ,ହୀରାଧର ମାଳୀ, ପ୍ରଦୀପ ପଟ୍ଟନାୟକ, ସାଇରାମ ସାମନ୍ତରାୟ, ଶ୍ରୀନିବାସ ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।



# ଚୋରି ଘଟଣାରେ ଦୁଇ ଅଭିଯୁକ୍ତ ଗିରଫ

ନବରଙ୍ଗପୁର,୨୧।୩(ସମିସ): ଏକ ଚୋରି ଘଟଣାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ନବରଙ୍ଗପୁର ପୋଲିସ। ଘଟଣା ଅନୁଯାୟୀ, ୨୦୨୬ ଫେବୃୟାରୀ ୪ ତାରିଖ ସନ୍ଧ୍ୟାରେ ନବରଙ୍ଗପୁରର ଥାନା ଅନ୍ତର୍ଗତ ମାଝୀଗୁଡ଼ା ଗ୍ରାମର କୃଷ୍ଣ ହନ୍ତାଳ ରିପୋର୍ଟ କରିଥିଲେ ଯେ ୩ ଫେବୃୟାରୀ ୨୦୨୬ ରାତ୍ର ସମୟରେ କିଛି ଅଜଣା ଅପରାଧୀ ଘର ତାଲା ଭାଙ୍ଗି ଘରେ ପଶି ଆଲମିରାର ତାଲା ଭାଙ୍ଗି ଦୁଇ ଯୋଡ଼ା ସୁନା କାନଫୁଲ ଏବଂ ଅନ୍ୟାନ୍ୟ ଜିନିଷପତ୍ର ଚୋରି କରି ନେଇଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ୨୦୨୬ ଫେବୃୟାରୀ ୪ ତାରିଖରେ ନବରଙ୍ଗପୁର ପିଏସ୍ କେସ୍ ନଂ. ୪୨ ୟୁ/ ଏସ-୩୩୧(୪)/୩୦୫ ବି ଏନ୍ ଏସରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରିଥିଲା ନବରଙ୍ଗପୁର ପୋଲିସ। ଏହି ତଦନ୍ତ ସମୟରେ ନବରଙ୍ଗପୁର ଥାନା ଅନ୍ତର୍ଗତ ମାଝିଗୁଡ଼ା ଗ୍ରାମର ଦିଲୁ ବରବାରୀ ଏବଂ କିରଣ ଡାଙ୍ଗରିକୁ ଗିରଫ କରି ସେମାନଙ୍କ ନିକଟରୁ ଘର ପାଇଁ ବ୍ୟବହାର ହେଉଥିବା ଜିନିଷପତ୍ର ଯଥା- ଦର୍ପଣ, ତିନିଟି କାନ୍ଥ ଘଣ୍ଟା, ଶାଢ଼ି, ସାର୍ଟ, ପ୍ୟାଣ୍ଟ ଇତ୍ୟାଦି ଜବତ କରିଛି ନବରଙ୍ଗପୁର ପୋଲିସ। ଏହାପରେ ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଜେଲ ହାଜତକୁ ପଠାଇ ଦିଆଯାଇଥିଲା ଏବଂ ଏହି ଘଟଣାର ତଦନ୍ତ କାରୀଅଧିକାରୀ ନବରଙ୍ଗପୁର ଥାନାର ଏସଆଇ ସବିର ଅହମଦ ରହିଥିଲେ ବୋଲି ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

# ମତ୍ସ୍ୟ, ପ୍ରାଣୀ ସମ୍ପଦ ସଚିବଙ୍କ ସେମିଳିଗୁଡ଼ା ପରିଦର୍ଶନ





ସେମିଳିଗୁଡା,୨୧।୩(ସମିସ): ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ସଚିବ ପ୍ରେମଚାନ୍ଦ ଚୌଧୁରୀ କୋରାପୁଟ ଜିଲ୍ଲାରେ ଦୁଇଦିନ ପାଇଁ ଗସ୍ତ କରିଛନ୍ତି। ଦ୍ୱିତିୟ ଦିନ ସେମିଳିଗୁଡ଼ା ବ୍ଲକ ଅଞ୍ଚଳ ପରିଦର୍ଶନ କରି ରାଜପୁଟ ପଞ୍ଚାୟତ ମିଲେଟ ପ୍ରୋସେସିଂ କେନ୍ଦ୍ର ବୁଲି ଦେଖିଥିଲେ। ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସହ ଆଲୋଚନା କରିବା ସହ ମାଣ୍ଡିଆ ପ୍ରସ୍ତୁତି ସମସ୍ତ ପଦାର୍ଥର ପ୍ରଶଂସା କରିଥିଲେ। ପ୍ରୋସେସିଂ କେନ୍ଦ୍ର ପରିସରରେ ଚାରାରୋପଣ କରିଥିଲେ। ସେହିପରି ସେମିଳିଗୁଡା ନିକଟରେ ଥିବା ଲୁଙ୍ଗୁରି ସ୍ଥିତ ଆଦର୍ଶ ଅଙ୍ଗନବାଡି କେନ୍ଦ୍ରରେ ମଧ୍ୟ ପରିଦର୍ଶନ କରିଥିଲେ। କେନ୍ଦ୍ର କାର୍ଯ୍ୟକୁ ସମୀକ୍ଷା କରିବା ସହ ପିଲାଙ୍କ ପୋଷଣ ଖାଦ୍ୟର ମାନ ପରଖିଥିଲେ। ପିଲାମାନଙ୍କ ସହ କଥା ହୋଇଥିଲେ। ସଚିବଙ୍କ ଗସ୍ତ ସମୟରେ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ସିଡିଓ ବେଣୁଧର ଶବର, ସେମିଳିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯସ୍ୱିନ କୁମାର୍ ପ୍ରଧାନ, ବିଭିନ୍ନ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

୨୮ରେ ଓକିଲ ସଂଘ ନିର୍ବାଚନ

# ସଭାପତି ପଦ ପାଇଁ ଦୁଇ ଦ୍ୱିମୁଖୀ ଲଢ଼େଇ




ସେମିଳିଗୁଡା,୨୧।୩(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ଓକିଲ ସଂଘର ନିର୍ବାଚନ ଚାଳିତ ମାସ ୨୮ ତାରିଖରେ ହେବାକୁ ଯାଉଛି ବୋଲି ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଓକିଲ ପିତାମ୍ବର ସାହୁ ସୂଚନା ଦେଇଛନ୍ତି। ସଂଘରେ ମୋଟ ୪୮ ସଦସ୍ୟ ରହିଥିବାବେଳେ ବେଳେ ୨ ଜଣ ସନ୍ତୋଷ କୁମାର ଦାସ ଓ କୃତିବାସ ରାଉତ ସଭାପତି ପଦବୀ ପାଇଁ ମୈଦାନକୁ ଓହ୍ଲାଇଥିବା ଜଣାପଡିଛି। ସାଧାରଣ ସମ୍ପାଦକ ପଦ ପାଇଁ ଚିତ୍ତରଞ୍ଜନ ମହାରଣା, ଯୁଗ୍ମ ସମ୍ପାଦକ ପାଇଁ ଶୁଭମ ଦଳେଇ ଓ କୋଷାଧ୍ୟକ୍ଷ ପାଇଁ ଅଶ୍ୱିନୀ କୁମାର ପଟ୍ଟନାୟକ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ୩ ପଦବୀ ପାଇଁ ଅନ୍ୟ କେହି ନାମାଙ୍କନପତ୍ର ଦାଖଲ କରି ନ ଥିବାରୁ ସେମାନେ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହେବା ସ୍ପଷ୍ଟ ହୋଇଛି। ମାର୍ଚ୍ଚ ୨୮ ତାରିଖ କେବଳ ସଭାପତି ପଦ ପାଇଁ ନିର୍ବାଚନ ହେବା ବୋଲି ଜଣାପଡିଛି। ପ୍ରକାଶ ଥାଉ କି, ପୂର୍ବରୁ ସନ୍ତୋଷ କୁମାର ଦାସ ସଂଘର ସଭାପତି ଭାବେ ୩ ଥର ଦାୟିତ୍ୱ ତୁଲାଇଥିବା ବେଳେ କୃତିବାସ ରାଉତ ୪ ଥର ଦାୟିତ୍ୱ ତୁଲାଇ ସାରିଛନ୍ତି। ସନ୍ତୋଷ କୁମାର ଦାସ ବିଭିନ୍ନ ପ୍ରକାର କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି। ସେହିପରି ଶ୍ରୀ ରାଉତ ମଧ୍ୟ ସଂଘ ପାଇଁ ନିଜ କର୍ତ୍ତବ୍ୟ ତୁଲାଇ ଥିଲେ। ଦୁଇ ଟାଣୁଆ ନେତା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଥିବାରୁ ଦୁଇ ପ୍ରାର୍ଥୀ ବିଜୟୀ ଲକ୍ଷ୍ୟରେ ନିଜ ନିଜ ହିସାବରେ ସଂଘ ସଦସ୍ୟମାନଙ୍କୁ ଭୋଟ ଦେବା ପାଇଁ ନିବେଦନ କରୁଛନ୍ତି। ୨୮ ତାରିଖ ସକାଳ ୧୦ଟାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ମତଦାନ ହେବ ଓ ଅପରାହ୍ନ ୪ ଟାରେ ଭୋଟ ଗଣତି ହେବ ବୋଲି ନିର୍ବାଚନ ଅଧିକାରୀ ପିତାମ୍ବର ସାହୁ ସୂଚନା ଦେଇଛନ୍ତି।

# ଆଦିତ୍ୟ ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି



ସେମିଳିଗୁଡା,୨୧।୩(ସମିସ): କୋରାପୁଟ ଜିଲ୍ଲାର ଭାରତୀୟ ଜନତା ପାର୍ଟିର ଯୁବମୋର୍ଚ୍ଚା ସଭାପତି ଭାବେ ଆଦିତ୍ୟ ହନ୍ତାଳଙ୍କ ନାମଘୋଷଣା କରାଯାଇଛି। ସୁନାବେଡା ହାଉସିଂବୋର୍ଡ କଲୋନୀର ଆଦିତ୍ୟଙ୍କୁ ଏହି ଦାୟିତ୍ୱ ମିଳିଛି। ସେ ପୂର୍ବରୁ ବିଜେଡିର ଆଇଟି ସେଲରେ କାମ କରୁଥିଲେ। କିଛିମାସ ହେବ ସେ ବିଜେଡି ଛାଡି ଭାଜପାରେ ଯୋଗଦେଇ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ କର୍ମକର୍ତ୍ତା ଭାବେ କାମ କରୁଥିଲେ। ନୂତନ ଯୁବମୋର୍ଚ୍ଚା ସଭାପତିଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ମିଳିଛି।

# ଭାଟିକୋଟ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାପଡାହାଣ୍ଡି,୨୧।୩(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ଚେରଚେଟା ପଞ୍ଚାୟତ ଅବସ୍ଥିତ ଭାଟିକୋଟ ସରକାରୀ ଆଶ୍ରମ ବିଦ୍ୟାଳୟଠାରେ ଆଜି ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରି ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ମହାନ୍ତି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ବିଦ୍ୟାଳୟରେ ଖେଳ ପଡିଆର ଅସୁବିଧା ବିଷୟରେ ସେ ଜଣାଇଥିଲେ। ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଯୋଗଦେଇଥିଲେ। ମୁଖ୍ୟଅତିଥି ଛାତ୍ରଛାତ୍ରୀଙ୍କୁ ଭଲ ପାଠପଢ଼ି ରାଷ୍ଟ୍ରପତିଙ୍କ ଭଳି ନାମ ରଖି ବିଦ୍ୟାଳୟ, ପିତା ମାତା ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ନାମ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାପଡାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଲୋକସଭା ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ, ସ୍ଥାନୀୟ ସରପଞ୍ଚ ଉର୍ମିଳା ମଝି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ସୁଶ୍ରୀ ନିବେଦିତା ବିଶ୍ୱାଳ, ବ୍ଲକ୍ ମଙ୍ଗଳ ଅଧିକାରୀ ଦେବବ୍ରତ ପରିଡା, ସେକ୍ସନ ଅଧିକାରୀ ରାମଚନ୍ଦ୍ର ରଘୁ ମଣ୍ଡଳ ଯୋଗ ଦେଇଥିଲେ। ଏହି ଅବସରରେ ଏସଏମ୍‌ସି ସଭାପତି ବାଦୁ ସାନ୍ତା, ପାତ୍ରୀ ସରକାରୀ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ, ଲାଇବନ ପଦର ପ୍ରଧାନ ଶିକ୍ଷକ ଖେମା ଗରଡା, ଜଟାବାଲ ପ୍ରଧାନ ଶିକ୍ଷକ ଚନ୍ଦ୍ର ପ୍ରଭାକର ପୂଜାରୀ, ଲଖମଣ ମାଝି, ଖରକି ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ବେହେରା, ଅଜୟ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଜ୍ଞା ପରିମିତା ପୁହାଣ, ଚନ୍ଦନ ଭତରା, ରାଇଧର ପୂଜାରୀ, ମିନା ରାୟ, ମଞ୍ଜୁଲତା ଭୂଇୟା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ପୂର୍ଣ୍ଣଚନ୍ଦ୍ର ପାଣି କରିଥିଲେ।



ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ

# ବୈଠକରେ ସୀମିତ ନ ରଖି ବ୍ୟାପକ ଜଙ୍ଗଲ ସୃଷ୍ଟି କରିବାକୁ ଆହ୍ୱାନ




କୋରାପୁଟ,୨୧।୩(ସମିସ):

କେବଳ ବୈଠକରେ ବିଶ୍ୱ ବନ ସୁରକ୍ଷା ଦିବସକୁ ସୀମିତ ନରଖି ବ୍ୟାପକ ଜଙ୍ଗଲ ସୃଷ୍ଟି କରିବାକୁ ବିଶ୍ୱ ବନ ସୁରକ୍ଷା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ନରେନ୍ଦ୍ର କୁମାର ଶବର ଆହ୍ୱାନ ଦେଇଛନ୍ତି। ସ୍ଥାନୀୟ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲା ସ୍ତରୀୟ ବିଶ୍ୱ ବନ ଦିବସ ଅବସରରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶବର ଯୋଗ ଦେଇ କୋରାପୁଟ ଜିଲ୍ଲାରେ ଧିରେଧିରେ ଜଙ୍ଗଲ କମି ଟାଙ୍ଗରା ଭୂଇଁରେ ପରିଣତ ହେଲାଣି, ସରକାର ଜଙ୍ଗଲ ସୃଷ୍ଟି ପାଇଁ ପ୍ରତିବର୍ଷ ବ୍ୟାପକ ବୃକ୍ଷରୋପଣ କରୁଛନ୍ତି ହେଲେ ଏହାର ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ସବୁ ଯୋଜନା ଫସର ଫାଟି ଯାଇଥିବା ପ୍ରକାଶ କରିଛନ୍ତି। ଜଙ୍ଗଲ ସୃଷ୍ଟି ଓ ସୁରକ୍ଷା କରିବା କେବଳ ଜଙ୍ଗଲ ବିଭାଗ ଉପରେ ଦାୟିତ୍ୱ ନ ଦେଇ ପ୍ରତ୍ୟେକ ଜନସାଧାରଣ ଦାୟିତ୍ୱବାନ ହେବା ଦରକାର। ଜଙ୍ଗଲ ସୃଷ୍ଟି କରିବାକୁ କେବଳ ଭାଷଣବାଜିରେ ସୀମିତ ନରଖି ଆମେ ସମସ୍ତେ ନିଜେ ନିଜେ ସଚେତନ ହୋଇ ଗଛ ଲଗାଇବା ପାଇଁ ସେ ଅନୁରୋଧ କରିଛନ୍ତି। ଆମେ ଜଙ୍ଗଲକୁ ନଷ୍ଟ କରିବା ସହ ନିଜେ ରୋଗାକ୍ରାନ୍ତ ହୋଇ ଅର୍ଥ ଖର୍ଚ୍ଚ କରି ବଡ଼ ବଡ଼ ଚିକିତ୍ସାଳୟକୁ ଯାଉଛେ ବୋଲି ପ୍ରକାଶ କରିଥିଲେ। ବନଖଣ୍ଡ ଅଧିକାରୀ କେଭି ଭାସ୍କର ରାଓ ଅଧ୍ୟକ୍ଷତା କରି ଜଙ୍ଗଲ ସୃଷ୍ଟି ପାଇଁ ସରକାର ସହରାଞ୍ଚଳରେ ନୂତନ ଜଙ୍ଗଲ ସୃଷ୍ଟି, ଉପକୂଳବର୍ତ୍ତୀ ବନୀକରଣ, ପରିବେଶ ପର୍ଯ୍ୟଟନ ଭଳି ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି ହେଲେ ସାଧାରଣ ଜନତାଙ୍କ ସଚେତନ ଅଭାବ ଯୋଗୁ ଯୋଜନା ଗୁଡିକର ବିକାଶ ହୋଇପାରୁନାହିଁ ବୋଲି କହିବା ସହ ସମସ୍ତେ ସଚେତନ ହୋଇ ଜଙ୍ଗଲର ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାମ୍ବାଦିକ ସିଏଚ ସନ୍ତାକାର,ବନ୍ୟଜୀବ ରକ୍ଷକ ରାମନାଥ ସାହୁ ଓ ସମାଜସେବୀ ପ୍ରଦୀପ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲାର ପରିବେଶବିତ୍, ବିଭିନ୍ନ ବିଦ୍ୟାଳୟ ଓ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରି ଉତ୍ସାହିତ କରାଯାଇଥିଲା।

## ସଚେତନତା ଶିବିର ଓ ଚାରା ରୋପଣ

ଜୟପୁର,୨୧ ।୩(ସମିସ): ବିଶ୍ୱ ବନ ଦିବସରେ ଜୟପୁର ବନାଞ୍ଚଳ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ପ୍ରଜାତି ବୃକ୍ଷ ଚାରା ରୋପଣ ଏବଂ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ମାନେ ବିଶ୍ୱରେ ପ୍ରତ୍ୟେକ ମଣିଷ ପିଛା ଗୋଟିଏ ଗଛ ନିହାତି ଆବଶ୍ୟକ ବୋଲି କହିବା ସହ ପଲିଥିନ ବ୍ୟବହାରକୁ



ଜଗତ ଜନନୀ ମନ୍ଦିର ଛକ ଠାରୁ ସରକାରୀ ସ୍ୱାସ୍ଥ୍ୟ ସେବିକା ବିଦ୍ୟାଳୟର ଛାତ୍ରୀ ଏବଂ ବନ କର୍ମଚାରୀଙ୍କୁ ନେଇ ଏକ ଶୋଭାଯାତ୍ରା ଆରମ୍ଭ ହୋଇ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁର ଏସଡିପିଓ ଅର୍ଚ୍ଚିତା ମିତ୍ତଲ ଏବଂ ଅତିଥି ଭାବେ ଡିଏଫଓ ପ୍ରତାପ ଚନ୍ଦ୍ର ବେହେରା ସବୁଜ ରଙ୍ଗର ପତକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ବିକ୍ରମ ଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଅତିଥିମାନଙ୍କ ଦ୍ୱାରା ୫ଟି ବୃକ୍ଷ ରୋପଣ ସହିତ ୫୦ଟି ଚାରା ବଣ୍ଟନ କରାଯାଇଥିଲା। ଏଥିରେ ପଣସ, ଶିଶୁଆ. ଆମ୍ବ, କରଞ୍ଜ, ଗମ୍ଭାରୀ ପ୍ରଭୃତି ବର୍ଜନ କରିବାକୁ ଆହ୍ୱାନ କରିଥିଲେ। ସେହିପରି ଜଙ୍ଗଲରେ ଫଳ ଗଛ ରୋପଣ କରାଗଲେ ବନ୍ୟଜନ୍ତୁମାନେ ଏହାକୁ ଖାଇ ଜନବସତିକୁ ଆସିବେ ନାହିଁ। ତେଣୁ ବହୁ ପରିମାଣରେ ବଡ ବଡ ଫଳ ଗଛ ଜଙ୍ଗଲରେ ଉଭୟ ପଶୁ ଓ ପକ୍ଷୀଙ୍କ ପାଇଁ ରୋପଣ କରିବାକୁ ଆହ୍ୱାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜୟପୁର ବନାଞ୍ଚଳର ରେଞ୍ଜର ଦେବେନ୍ଦ୍ର ମାଝି ଡେପୁଟି ରେଞ୍ଜର ମାନସ ନାୟକ ଫରେଷ୍ଟର ଗୌତମ କୁମାର ସ୍ୱାଇଁ, ଶଶାଙ୍କ ଶେଖର ମହାରଣା, ପି ଶ୍ରୀନିବାସ ରାଓ ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀମାନଙ୍କ ଉପସ୍ଥିତି ରହି ପରିଚାଳନା କରିଥିଲେ।

# ମହିଳା ଓ ଶିଶୁ ବିକାଶ ବିଭାଗ ଶାସନ ସଚିବଙ୍କ ରାୟଗଡ଼ା ଗସ୍ତ



**ରାୟଗଡ଼ା, ୨୧।୩(ସମିସ):** ଆଜି ମହିଳା ଏବଂ ଶିଶୁ ବିକାଶ ବିଭାଗର କମିଶନର ତଥା ସଚିବ ଡଃ ମୃଣାଳିନୀ ଦସ୍ୱର୍ାଲ ରାୟଗଡ଼ା ଜିଲ୍ଲା ପରିଦର୍ଶନରେ ଆସିଥିଲେ। ପ୍ରଥମେ ସେ ସୁପୋଷିତ ଓଡ଼ିଶା ମିଶନ ଜିଲ୍ଲାସ୍ତରୀୟ କର୍ମଶାଳାକୁ ଉଦଘାଟନ କରିଥିଲେ। ମହିଳା ଏବଂ ଶିଶୁ ବିକାଶ ତରଫରୁ ନୂଆ କରି ଆରମ୍ଭ ହୋଇଥିବା ମହିଳାମାନଙ୍କ ସୁରକ୍ଷା ସମୃଦ୍ଧି ଏବଂ ଅର୍ଥନୈତିକ ପ୍ରଗତି ପାଇଁ ରାଜ୍ୟ ମହିଳା ହବ ଏବଂ ଜିଲ୍ଲା ମହିଳା ହବ ଗଠନ ହୋଇଥିବା ସମ୍ପର୍କରେ ସମ୍ୟକ ଧାରଣା ଦେଇଥିଲେ। ସୁଭଦ୍ରା ଯୋଜନା, ମମତା ଯୋଜନା, ପୋଷଣ ଅଭିଯାନ, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୃଷ୍ଟି ଯୋଜନା, ପୂର୍ଣ୍ଣ ଆହାର ଯୋଜନାରେ ହିତାଧିକାରୀମାନେ ଲାଭବାନ ହୋଇପାରୁଛନ୍ତି କି ନାହିଁ ତୃଣମୂଳସ୍ତରରେ ଅଙ୍ଗନବାଡି କର୍ମୀ ମାନଙ୍କୁ ମହିଳା ପରିଦର୍ଶିକାମାନଙ୍କୁ ପଚାରି ବୁଝିଥିଲେ। ଏହା ପରେ ସେବା ସଦନ ଯାଇ ସେଠାରେ ଥିବା ଅନ୍ତେବାସୀ ସହିତ ଆଲୋଚନା କରିଥିଲେ। ଏହାପରେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ଯାଇ ସେଠାରେ ପୁଷ୍ଟି ପୁନର୍ବାସ କେନ୍ଦ୍ର ଯାଇ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ସମସ୍ୟା ବୁଝିଥିଲେ ଏବଂ ଗୋଟିଏ ଶିଶୁର ଅନ୍ନ ପ୍ରସନ୍ନ କରାଇଥିଲେ। ପରେ ୱାନ ଷ୍ଟପ ସେଣ୍ଟର ଗସ୍ତ କରିଥିଲେ। ସେଠାରେ ଉପସ୍ଥିତ ମା' ମାନଙ୍କ ସହିତ ହିତାଧିକାରୀମାନଙ୍କ ସୁବିଧା, ସରକାରଙ୍କ ତରଫରୁ ସହାୟତା ଠିକ ସମୟରେ ପାଉଛନ୍ତି କି ନାହିଁ ପଚାରି ବୁଝିଥିଲେ। ପୁଷ୍ଟି ପୁର୍ନବାସ କେନ୍ଦ୍ରରେ ଥିବା ମା ମାନେ ସୁଭଦ୍ରା ଯୋଜନାରେ ହିତାଧିକାରୀ ଭାବେ ପ୍ରାପ୍ୟ ପାଇଛନ୍ତି କି ନାହିଁ ପଚାରି ବୁଝିଥିଲେ। ଅପରାହ୍ନରେ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ, ଶିଶୁ ବିକାଶ ଯୋଜନା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ସହ ବୈଠକ କରିଥିଲେ। ଏହି ଗସ୍ତ ସମୟରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଉପଜିଲ୍ଲାପାଳ ଗୁଣୁପୁର ଦୁଧାଳ ଅଭିଷେକ ଦିଲ୍ଲୀପ, ରାୟଗଡ଼ା ଉପଜିଲ୍ଲାପାଳ ରମେଶ କୁମାର ଜେନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିନତି ଦେଓ, ମହିଳା ସୁରକ୍ଷା ଅଧିକାରୀ ତଥା ଜିଲ୍ଲାର ସମାଜ ମଙ୍ଗଳ ବିଭାଗର ଅଧିକାରୀମାନେ, ଅଙ୍ଗନବାଡି ସୁପରଭାଇଜର ଓ ଅଙ୍ଗନବାଡିମାନେ ଉପସ୍ଥିତ ଥିଲେ।

## ଅବ୍ୟବସ୍ଥା ଘେରରେ ଅମ୍ବାଦଳା ରେଲ୍‌ୱେ ଷ୍ଟେସନ

# ନାହିଁ ଶୌଚାଳୟ, ବିଶ୍ରାମ ଗୃହ, ଲିଫ୍ଟ

ଅମ୍ବାଦଳା, ୨୧।୩(ସମିସ)






ରାୟଗଡ଼ା ଜିଲ୍ଲାର ଅମ୍ବାଦଳା ରେଲୱେ ଷ୍ଟେସନରେ ଦିନକୁ ଦିନ ଯାତ୍ରୀ ସଂଖ୍ୟା ବଢୁଥିବା ସତ୍ତ୍ୱେ ଅବ୍ୟବସ୍ଥା ଘେରରେ ରହିଛି। ଦୂରଦୂରାନ୍ତର ଲୋକମାନେ ଏହି ଷ୍ଟେସନ ଉପରେ ନିର୍ଭର କରୁଥିବା ବେଳେ ଯାତ୍ରୀ ଷ୍ଟେସନ ପରିସରରେ ସାଧାରଣ ମୌଳିକା ସୁବିଧା ନ ପାଇ ହନ୍ତସନ୍ତ ହେଉଛନ୍ତି। ବିକାଶ ଓ ରୂପାନ୍ତରଣର କଥା କହୁଥିବା ରେଲୱେ ପ୍ରଶାସନ ଏଠାରେ ପୂର୍ଣ୍ଣରୂପେ ବିଫଳ ହୋଇଥିବା ଷ୍ଟେସନର ଚିତ୍ରରୁ ସ୍ପଷ୍ଟ ହେଉଛି। ଷ୍ଟେସନରେ ଶୌଚାଳୟ ବ୍ୟବସ୍ଥା ପ୍ରାୟ ନାମମାତ୍ରକୁ ରହିଛି। ଯାହା କିଛି ରହିଛି ସେଗୁଡିକ ଦୀର୍ଘ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବାରୁ ବ୍ୟବହାର ଯୋଗ୍ୟ ନୁହେଁ। ଫଳରେ ବିଶେଷକରି ମହିଳାମାନେ ଗୁରୁତର ସମସ୍ୟାରେ ପଡୁଛନ୍ତି। ଦୀର୍ଘ ସମୟ ଯାତ୍ରା କରୁଥିବା ମହିଳା ଯାତ୍ରୀଙ୍କ ପାଇଁ ଏହା ଅସହ୍ୟ ପରିସ୍ଥିତି ସୃଷ୍ଟି କରୁଛି। ସେହିପରି ଷ୍ଟେସନ ଭିତରେ ଡିସପ୍ଲେ ଖଞ୍ଜା ହୋଇ ନଥିବାରୁ କୋଚ ଲୋକେସନ ଜାଣିବାରେ ଯାତ୍ରୀମାନଙ୍କ ପାଇଁ ଅସୁବିଧା ସୃଷ୍ଟି ହେଉଛି। ଏହା ସହ ଷ୍ଟେସନରେ କୌଣସି ବିଶ୍ରାମ ଗୃହ ନଥିବା ବେଳେ ପ୍ଲାଟଫର୍ମ ଉପର ଆଜବେଷ୍ଟ ଭାଙ୍ଗିଗଲାଣି। ଯାହାଦ୍ୱାରା ଟ୍ରେନ ପାଇଁ ଅପେକ୍ଷା କରୁଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଓ ଗରମ ସମୟରେ ଏହା ତାଙ୍କ ପାଇଁ ଅଧିକ କଷ୍ଟଦାୟକ ହେଉଛି। ବିଶେଷ କରି ଅଧିକ ସମୟ ବିଦ୍ୟୁତ ନ ରହିବା ଯୋଗୁଁ ଷ୍ଟେସନରେ ଆସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ଆଶଙ୍କା ରହୁଛି। ଲିଫ୍ଟ ସୁବିଧା ନଥିବାରୁ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନେ ପ୍ଲାଟଫର୍ମ ପରିବର୍ତ୍ତନ କରିବାରେ ସମସ୍ୟାରେ ପଡୁଛନ୍ତି। ଏହି ଷ୍ଟେସନରୁ କୋଟି କୋଟି ଟଙ୍କା ରାଜସ୍ୱ ଯାଉଥିବା ସତ୍ତ୍ୱେ ମୌଳିକ ସୁବିଧା ପ୍ରତି ଏପରି ଅବହେଳାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହା ପ୍ରଶାସନର ପ୍ରାଥମିକତା ଉପରେ ଗୁରୁତର ପ୍ରଶ୍ନ ଉଠାଇଛି। ଯାତ୍ରୀ ସୁବିଧା ନେଇ ରେଲୱେ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇ ନଥିବାରୁ ଅସନ୍ତୋଷ ବଢୁଛି। ଏଥିସହ ଡାଉନ ଟ୍ରେନ୍‌ଗୁଡିକୁ ୪ ନମ୍ବର ପ୍ଲାଟଫର୍ମରେ ରହଣି କରାଇବା ପାଇଁ ଯାତ୍ରୀମାନେ ଦାବି କରିଛନ୍ତି। ସ୍ଥାନୀୟ ଯୁବ ନେତା ଧୀରେନ୍ଦ୍ର ପାଣିଗ୍ରାହୀ, ସାଂସଦ ପ୍ରତିନିଧି ରଜନୀକାନ୍ତ ପୋଡ଼ାଲଙ୍କ ସମେତ ଲୋକପ୍ରତିନିଧି ଓ ଯାତ୍ରୀମାନେ ତୁରନ୍ତ ଶୌଚାଳୟ, ବିଶ୍ରାମ ହଲ ଓ ଲିଫ୍ଟ ସୁବିଧା ସହ ସମସ୍ତ ମୌଳିକ ବ୍ୟବସ୍ଥା ଯୋଗାଇବାକୁ ରେଲୱେ ବିଭାଗ ନିକଟରେ ଦାବି କରିଛନ୍ତି। ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ ନ ହୁଏ, ତେବେ ଆସନ୍ତା ଦିନରେ ପରିସ୍ଥିତି ଆଉ ଗୁରୁତର ହେବା ସହ ଯାତ୍ରୀ ଅସନ୍ତୋଷ ବିସ୍ଫୋରଣ ହେବାର ସମ୍ଭାବନା ରହିଛି। ଘଟଣା ବିଷୟରେ ଅମ୍ବାଦଳା ଷ୍ଟେସନ ମାଷ୍ଟର ରବି ରଞ୍ଜନ କୁମାରଙ୍କୁ ପଚାରିବାରୁ ଷ୍ଟେସନ ଅବ୍ୟବସ୍ଥା ଉପରେ ଉପରିସ୍ଥ ଅଧିକାରୀ ଅବଗତ ଅଛନ୍ତି, ଷ୍ଟେସନର ସମସ୍ୟା ସମାଧାନ ପାଇଁ ଯୋଜନା ଚାଲିଥିବା କହିଛନ୍ତି।

**ସମସ୍ୟା ଭୋଗୁଛନ୍ତି ମହିଳା, ବୃଦ୍ଧ ଓ ଦିବ୍ୟାଙ୍ଗ ଯାତ୍ରୀ**

# ମହିଳା ନିଖୋଜ



**କଲ୍ୟାଣସିଂହପୁର, ୨୧।୩(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ଜଣେ ବିବାହିତା ମହିଳା ଦୁଇଦିନ ହେଲା ନିଖୋଜ ଥିବା ଜଣାପଡ଼ିଛି। ନିଖୋଜ ମହିଳା ଜଣକ ହେଲେ ଜ୍ୟୋତି ମୁଗଲି(୩୬)। ସୂଚନାମୁତାବକ, କରପା ପଞ୍ଚାୟତ ବିଜୟନଗର ଗ୍ରାମର ବିଜୟ ମୁଗଲିକୁ ପ୍ରାୟ୧୬ ବର୍ଷ ତଳେ ବିବାହ କରିଥିଲେ ଜ୍ୟୋତି ମୁଗଲି (୩୬)। ନିଜ ବାପା ଘର ଗାଁ ଜଗନ୍ନାଥ ପୁର କିଛି ଦିନ ହେଲା ଆସି ରହୁଥିଲେ। ଜ୍ୟୋତି ମାନସିକ ଭିନ୍ନକ୍ଷମ ଥିବା ବେଳେ ସେ ଘରୁ ଗୁରୁବାର ରାତି ପ୍ରାୟ ୧୧ଟା ସମୟରେ କୁଆଡେ ଚାଲି ଯାଇଥିବା ବେଳେ ତାଙ୍କ ନ ପାଇ ଘର ଲୋକେ ଆଜି ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜ୍ୟୋତି ଘରୁ ରାତିରେ ଯିବା ସମୟରେ ଧଳା ରଙ୍ଗର ଟୋପ, ଗୋଲାପି ରଙ୍ଗର ପେଣ୍ଟ ସହ ଓଢଣୀ ହଳଦିଆ ରଙ୍ଗର ଛୁଡିଦାର ଡ୍ରେସ ପିନ୍ଧି ଥିବା ପରିବାର ଲୋକେ କହିଛନ୍ତି।

# ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଉଦ୍‌ଯାପିତ

**ରାମନାଗୁଡ଼ା, ୨୧।୩(ସମିସ):** ରାୟଗଡ଼ା ଜିଲ୍ଲା ରମନାଗୁଡା ମଣ୍ଡଳରେ ମଣ୍ଡଳସ୍ତରୀୟ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନର ମଣ୍ଡଳସ୍ତରୀୟ ବର୍ଗ ମଣ୍ଡଳ ସଭାପତିଙ୍କ ତତ୍ତ୍ୱାବଧାନରେ ପରିସମାପ୍ତି ହୋଇଥିଲା। ପ୍ରଥମ ଅଧିବେଶନରେ ବକ୍ତା ଭାବରେ ରାୟଗଡ଼ା ଜିଲ୍ଲା ସାଧାରଣ ସମ୍ପାଦକ ବନମାଳୀ ଗମାଙ୍ଗ. ଜିଲ୍ଲା ବିଜେପିର ପୂର୍ବତନ ଉପସଭାପତି ହଳଧର ମିଶ୍ର ଯୋଗଦେଇଥିଲେ। ବର୍ଗ ପ୍ରମୁଖ ନରସିଂହ ମଣ୍ଡାଙ୍ଗି ଓ ମାଝୀ ନିମାଲା ସଭାପତିତ୍ୱ କରିଥିଲେ। ପ୍ରଭାତରୁ ପ୍ରାତଃ ସ୍ମରଣ. ଯୋଗଭ୍ୟାସ ପରେ ଜଳପାନ ଏବଂ ପାଞ୍ଚଟି ସତ୍ର ହୋଇଥିବା ବେଳେ ଏହି ପାଞ୍ଚଟି ସତ୍ରକୁ ଜିଲ୍ଲା ରୁ ଆଗତ ଉପସଭାପତି ଶ୍ରୀନିବାସ ସ୍ୱାଇଁ, ଜିଲ୍ଲା ସମ୍ପାଦକ ହରିଶ୍ ମୁଦୁଲି ବକ୍ତା ଭାବରେ ଦଳର କାର୍ଯ୍ୟ ପଦ୍ଧତି ନିଜ ସରକାରଙ୍କ ସଫଳତା କାର୍ଯ୍ୟନ୍ୱୟନ, ବୁଥ ପରିଚାଳନା, କାର୍ଯ୍ୟ ବିସ୍ତାର. ସାମାଜିକ ଗଣମାଧମ ଉପରେ ଆଲୋଚନା କରାଯାଇଥିଲା। ମଞ୍ଚରେ ଭାସ୍କର କାଡ୍ରାକା, ମାଝିଗୌରୀ କଣ୍ଡାଗରି, ହରି ତାଡିଙ୍ଗି, ଶିବ ପ୍ରସାଦ ବ୍ରହ୍ମା ପ୍ରମୁଖ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ଭାବରେ ସଭାପତିତ୍ୱ କରିଥିଲେ। ଉକ୍ତ ବର୍ଗ ର ପରିଦର୍ଶନରେ ଜିଲ୍ଲା ପ୍ରଭାରୀ କେ ନାରାୟଣ ରାଓ ଉପସ୍ଥିତ ଥିବା ବେଳେ ରାମନଗୁଡ଼ା ମଣ୍ଡଳ ପ୍ରଭାରୀ ବାଲାମନି ଅନନ୍ତା ଉପସ୍ଥିତ ଥିଲେ। ଉକ୍ତ ବର୍ଗ ରେ ପ୍ରାୟ ୧୧୯ ଜଣ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରି ଶିକ୍ଷା ଲାଭ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ମଣ୍ଡଳ ସାଧାରଣ ସମ୍ପାଦକ ରଘୁନାଥ ସାମଲ ମଞ୍ଚ ପରିଚାଳନା କରିଥିଲେ। ମଣ୍ଡଳ ସଭାପତି ଶ୍ରୀନିବାସ ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗୁଣୁପୁର ନିର୍ବାଚନ ମଣ୍ଡଳୀ ମନ କି ବାତ୍ ସଂଯୋଜକ ଆଶିଷ କୁମାର ବେହେରାଙ୍କ ସମେତ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ଶିକ୍ଷା ଶିକ୍ଷକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




**କୋରାପୁଟ, ୨୧।୩(ସମିସ):** କୋରାପୁଟ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ୩୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଫେସର ଡ. ବିଜୟ କୁମାର ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଶିକ୍ଷା ବିଭାଗ ଡିପିଆଇସି ବ୍ରହ୍ମପୁରର ପ୍ରଫେସର ଦେବେନ୍ଦ୍ର କୁମାର ସେଠୀ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ମାଣ୍ଡିଆ ରାଣୀ ଡଃ ରାଇମତି ଘିଉରିଆ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଝରଣା ସାହୁ ସଭାପତି ଦାୟିତ୍ୱ ତୁଲାଇଥିଲେ। ଛାତ୍ର ସଂସଦର ଉପଦେଷ୍ଟା ଡ. ରାକ୍ଷୀ ନାୟକ ଓ ଡ. ପୂର୍ଣ୍ଣଚନ୍ଦ୍ର ତନ୍ତୀ, ଛାତ୍ର ସଂସଦ ସଭାପତି ସୁପ୍ରଭା ରାଉତ, ସମ୍ପାଦକ ଭଲେଶ୍ୱର ବେହେରା ମଞ୍ଚାସୀନ ହୋଇଥିଲେ। ଡ. ରାକ୍ଷୀ ନାୟକ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଭଲେଶ୍ୱର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ସୁପ୍ରଭା ରାଉତ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ବାର୍ଷିକ ଉତ୍ସବର ଆଭିମୁଖ୍ୟ ଏବଂ ଅନୁଷ୍ଠାନର ଉପଲବ୍ଧି ବିଷୟରେ ଆଭିମୁଖ୍ୟ ରଖିଥିଲେ। ମୁଖ୍ୟଅତିଥି ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ତତ୍ ସହିତ ଭଲ ଶିକ୍ଷକ ହୋଇ ସମାଜରେ ଆଲୋକ ଦେଖାଇବା ପାଇଁ ଉଦବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାରତର ଜ୍ଞାନ ବ୍ୟବସ୍ଥା ଏବଂ କିପରି ଭାବେ ଏହକୁ ଶିକ୍ଷା ସହିତ ଯୋଡି ହେବ ସେ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟଳୟର ପୂର୍ବତନ ଛାତ୍ରଛାତ୍ରୀ ଡ. ଲତିକା ମିଶ୍ର, ମମତା ଝୋଡ଼ିଆ, ଶ୍ରୀମତୀ ସସ୍ମିତା ନାୟକ, ଉପେନ୍ଦ୍ର ଶବର ଏବଂ ପ୍ରଦୀପ ଶବରଙ୍କୁ ସମ୍ମାନୀତ କରାଯାଇଥିଲା। ବାର୍ଷିକ ଉତ୍ସବ ଉପଲକ୍ଷେ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ୱାଲ୍ ଆର୍ଟ ଏବ୍ ଫଟୋ ଗ୍ୟାଲେରୀ ଉଦ୍‌ଘାଟନ ସହ ବାର୍ଷିକ ପତ୍ରିକା ଶିକ୍ଷାରଣବ ଉନ୍ମୋଚନ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଡ. ପୂର୍ଣ୍ଣ ଚନ୍ଦ୍ର ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

# କବି ବଳରାମ ପୂଜାରୀଙ୍କ ଜୟନ୍ତୀ

**ଜୟପୁର, ୨୧।୩(ସମିସ):** କବି ବଳରାମ ପୂଜାରୀଙ୍କ ୫୨ତମ ଜୟନ୍ତୀ ସମାରୋହ ଜୟପୁର ସ୍ଥିତ ଏସ୍‌ଆର୍ ମଲର କନଭେନସନ୍ ହୋଲରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଡ. ବାସୁଦେବ ସୁନାନୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ 'କବିତା ହେଉଛି କରୁଣାର ପ୍ରତିବେଦନ, ଆଉ କବି ବଳରାମ ପୂଜାରୀଙ୍କ କବିତା ବଞ୍ଚିତବର୍ଗର କରୁଣାର କଥା କହୁଛି' ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗବେଷକ ଡ. ପରମେଶ୍ୱର ମୁଣ୍ଡ ଓ କବି ଡ. ପ୍ରୀତିଧାରା ସାମଲ ଯୋଗଦେଇ ବଳରାମ ପୂଜାରୀଙ୍କ ସାହିତ୍ୟ ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତିତ୍ୱ କରିଥିଲେ କବି ତଥା ପ୍ରଶାସକ ଧର୍ମରାଜ ମାଝୀ। ଏହି ଅବସରରେ ବିଶିଷ୍ଟ କବି ଚକ୍ରପାଣି ପରିଛାଙ୍କୁ ପ୍ରଥମ 'କବି ବଳରାମ ପୂଜାରୀ ସ୍ମୃତି ସମ୍ମାନ - ୨୦୨୬' ପ୍ରଦାନ କରାଯାଇଥିଲା। ଏହି ଅବସରରେ କବି ବଳରାମ ପୂଜାରୀଙ୍କୁ ସମର୍ପିତ କରି 'କବିତା କୋରାପୁଟ' ନାମରେ ଏକ ସ୍ୱତନ୍ତ୍ର କବି ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ସାହିତ୍ୟିକ ହରିହର କରସୁଧା ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ରବି ଶତପଥୀ, ମାଧୁରୀ ପଣ୍ଡା, ଏମ୍. ହିମାଂଶୁ ଆଚାରୀ, ଅଶୋକ ମହାରଣା, ପ୍ରକାଶ ମହାନ୍ତି, ଗୋପାଳକୃଷ୍ଣ ସାମନ୍ତରାୟ, ସବିତା ତ୍ରିପାଠୀ, ମନୋରଞ୍ଜନ ପ୍ରଧାନ କବିତାପାଠ କରିଥିବା ବେଳେ ଓମ୍‌ପ୍ରକାଶ ମିଶ୍ର ସମୀକ୍ଷା କରିଥିଲେ। ପୁଷ୍ପାଞ୍ଜଳି ରଣା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜୟଲକ୍ଷ୍ମୀ ପାଣିଗ୍ରାହୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସବ୍ୟସାଚୀ ବିଷୋୟୀ, ନିରଞ୍ଜନ ପାଣିଗ୍ରାହୀ, ଭଗବାନ ସାହୁ, ରୁଦ୍ରାଭିଷେକ ପୂଜାରୀ, ରସରାଜ୍ ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ। କବି ବଳରାମ ପୂଜାରୀଙ୍କ ଜୟନ୍ତୀ ଅବସରରେ କୁଡୁମୁଲୁଗୁମ୍ମାରେ ଥିବା ପ୍ରତିମୂର୍ତ୍ତିରେ ବହୁ ମାନ୍ୟଗନ୍ୟ ବ୍ୟକ୍ତି ପୁଷ୍ପମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।




# ପଞ୍ଚାୟତ ଭିତରେ ଦଲାଲ କିଣୁଛନ୍ତି ପିଡିଏସ୍ ଚାଉଳ!

**କାଲିମେଳା, ୨୧।୩(ସମିସ):** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ତାଣ୍ଡବାଇ ପଞ୍ଚାୟତ ପରିସରରେ ପିଡିଏସ୍ ଚାଉଳର କଳାବଜାରୀ ହେଉଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ଭିତରେ ଦଲାଲ ପିଡିଏସ୍ ଚାଉଳ କିଣୁଥିବା ଅଭିଯୋଗ ହୋଇଛି। ଆହାର ପାଇଁ ଯେପରି କୌଣସି ବ୍ୟକ୍ତିକୁ ସଂଘର୍ଷ କରିବାକୁ ନପଡେ ସେଥିପାଇଁ ଗରିବ ଓ ଅସହାୟଙ୍କ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ପିଡିଏସ୍ ବ୍ୟବସ୍ଥାରେ ଚାଉଳ ଯୋଗାଇ ଦେଉଛନ୍ତି। ତେବେ ତୃଣମୂଳସ୍ତରରେ କିନ୍ତୁ ଏହାର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଗରିବ ଓ ଅସହାୟ ଲୋକେ ଦଲାଲଙ୍କ କବଜାରେ ପଡ଼ି ମାସକ ପାଇଁ ମିଳୁଥିବା ଏହି ଚାଉଳ ବିକ୍ରି କରୁଥିବା ଚିତ୍ର ଦେଖିବାକୁ ମିଳିଛି। ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ଭିତରେ ଥିବା ପୋଷ୍ଟ ଅଫିସ ଗୃହ ସମ୍ମୁଖରେ ଏହି ଚାଉଳକୁ ଗଚ୍ଛିତ କରି ଦଲାଲମାନେ ଖୋଲାଖୋଲି ଭାବେ ଏହି ପିଡିଏସ୍ ଚାଉଳକୁ ହିତାଧିକାରୀଙ୍କ ଠାରୁ ଖରିଦ କରୁଥିବା ନଜରକୁ ଆସିଛି। ତେବେ ଏହା ଦିନ ସମୟରେ ଖୋଲାମେଲାରେ ହେଉଥିବା ବେଳେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା ବିଡମ୍ବନାର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପ୍ରତିଥର ଚାଉଳ ଏବଂ ମାଣ୍ଡିଆ ଦେବା ସମୟରେ ଉକ୍ତ ଦଲାଲ ମାନେ ଲୋକଙ୍କ ଠାରୁ କମ୍ ଦରରେ ଖରିଦ କରି ବଡ଼ ବ୍ୟବସାୟୀଙ୍କୁ ଅଧିକ ଅର୍ଥରେ ବିକ୍ରି କରି ଲାଭବାନ ହେଉଥିବା ଅଭିଯୋଗ ହୋଇଛି। ଏପରି ସ୍ଥିତିରେ ଗରିବ ଓ ଅସହାୟଙ୍କ ପାଇଁ ଆସୁଥିବା ପିଡିଏସ୍ ଚାଉଳ ଏବଂ ମାଣ୍ଡିଆ ବଣ୍ଟନ ସମୟରେ କଳାବଜାରୀ କରୁଥିବା ଦଲାଲ୍‌ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ତେବେ ଏନେଇ ଆମେ ସ୍ଥାନୀୟ ମାର୍କେଟିଂ ଇନ୍ସପେକ୍ଟର ଚିନ୍ମୟ ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ ତଦନ୍ତ କରିବା ନେଇ କହିବା ସହ ଅଭିଯୋଗ ସତ ହେଲେ ଉଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।




# ସତ୍ୟସାଇ ମନ୍ଦିର ପକ୍ଷରୁ ଅମୃତ ବିନ୍ଦୁ

**କୋରୁକୋଣ୍ଡା, ୨୧।୩(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ସତ୍ୟସାଇ ସେବା ସମିତି ତରଫରୁ ରକ୍ତଦାନ ଶିବିର (ଅମୃତ ବିନ୍ଦୁ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିମେଳାରବାସୀନ୍ଦା ବହୁ ସଂଖ୍ୟାରେ ଯୋଗ ଦେଇ ରକ୍ତଦାନ କରିଥଲେ। ରକ୍ତଦାନ ଏକ ମହାଦାନ ଓ ଏହା ଏକ ଜୀବନକୁ ବଞ୍ଚାଇପାରିବ ବୋଲି ବାଲିମେଳା ସତ୍ୟସାଇ ସେବା ସମିତିର ଆବାହକ ମୁରଲୀ କ୍ରିଷ୍ଣା ପଟ୍ଟନାୟକ କହିଛନ୍ତି। ଜିଲ୍ଲା ଆବାହକ ଶ୍ରୀଦେବୀ ପଟ୍ଟନାୟକଙ୍କ ସମେତ ସତ୍ୟସାଇ ଭକ୍ତ ଓ ବାଲିମେଳା ଓଏଚ୍‌ପିସିର କର୍ମଚାରୀ ଏବଂ ସ୍ଥାନୀୟବାସୀନ୍ଦା ସହଯୋଗ କରିଥିଲେ।



# ସତୀଗୁଡ଼ା ଇକୋ ପାର୍କରେ 'ବିଶ୍ୱ ବନ ଦିବସ'






ମାଲକାନଗିରି, ୨୧।୩(ସମିସ)

ମାଲକାନଗିରି ଜିଲ୍ଲା ସଦର ନିକଟରେ ଥିବା ସତୀଗୁଡ଼ା ଇକୋପାର୍କ ପରିସରରେ ମାଲକାନଗିରି ବନ ବିଭାଗ ପକ୍ଷରୁ 'ବିଶ୍ୱ ବନ ଦିବସ' ପାଳିତ ହୋଇଯାଇଛି। ଚଳିତ ବର୍ଷ ଏହି ଦିବସର ମୁଖ୍ୟ ବିଷୟବସ୍ତୁ 'ଜଙ୍ଗଲ ଏବଂ ଅର୍ଥନୀତି' ରହିଥିବା ବେଳେ ଏହା ମାଧ୍ୟମରେ ପ୍ରକୃତିର ସୁରକ୍ଷା ସହ ଆର୍ଥିକ ପ୍ରଗତିର ସମନ୍ୱୟ ରକ୍ଷା କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହି ସ୍ୱତନ୍ତ୍ର ଉତ୍ସବରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ, ମାଲକାନଗିରି ବନଖଣ୍ଡ ଅଧିକାରୀ ସାଇ କିରଣ ଡିଏନ, ଏସିଏଫ୍ ପ୍ରିୟଙ୍କା ମହୁକା ଏବଂ ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରଞ୍ଜନ ରାୟ, ସତିଗୁଡା ଡ୍ୟାମ୍ ପ୍ରୋଜେକ୍ଟର ସହାୟକ ଯନ୍ତ୍ରୀ ଲଳିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥି ସହିତ, ବିଭିନ୍ନ ପଞ୍ଚାୟତ ପ୍ରତିନିଧି, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଙ୍କ ଦ୍ୱାରା ପରିବେଷିତ ସଚେତନତା ଧର୍ମୀ ନାଟକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିଥିଲା। ଏହି ଅବସରରେ ବନୀକରଣ ଏବଂ ଜଙ୍ଗଲ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଖଇରପୁଟ ବ୍ଲକର ମୁଦୁଲିପଡ଼ା ଗ୍ରାମ ପଞ୍ଚାୟତକୁ ଉପଖଣ୍ଡ ସ୍ତରୀୟ ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ଭାବେ ସମ୍ମାନିତ କରାଯାଇଥିଲା। ଏଥିସହ ଉପସ୍ଥିତ ସମସ୍ତ ଅତିଥି ଓ ଜନସାଧାରଣ ଜଙ୍ଗଲ ନଷ୍ଟ ନକରିବା ଏବଂ ବନୀକରଣ ବୃଦ୍ଧି ପାଇଁ ସାମୂହିକ ଶପଥ ଗ୍ରହଣ କରିଥିଲେ। ବିଭିନ୍ନ ବନଖଣ୍ଡରୁ ଆସିଥିବା ବନଖଣ୍ଡ ଅଧିକାରୀ ଏବଂ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ଜଙ୍ଗଲ ପରିଚାଳନା କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ବ୍ୟବହାର ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ। ଏହି ଅବସରରେ ମାଲକାନଗିରି ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବଜାୟ ରଖିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥଲେ ଡିଏଫ୍‌ଓ ସାଇ କିରଣ। ଏହି ଅବସରରେ ନୂତନ ପ୍ରଣାଳୀର କିଛି ଯାନ୍ତ୍ରିକ ନୌକାର ଉଦ୍‌ଘାଟନ କରାଯାଇଥିଲା। ଜିଲ୍ଲାରେ ପ୍ରଥମ ଥର ପାଇଁ ଏହି ନୂତନ ପ୍ରଣାଳୀର ନୌକା ଲୋକଙ୍କୁ ଜଳ କ୍ରିଡାର ନୂଆ ମଜା ଦେବାକୁ ଥିବା ବେଳେ ସତିଗୁଡାକୁ ଆହୁରି ଅଧିକ ପର୍ଯ୍ୟଟକଙ୍କୁ ଟାଣି ଆଣିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

**ନୂତନ ପ୍ରଣାଳୀର ଯାନ୍ତ୍ରିକ ନୌକାର ଶୁଭାରମ୍ଭ**

# ବିଡିଓଙ୍କୁ ବିଜେଡିର ୭ ଦଫା ଦାବିପତ୍ର

**ତେନ୍ତୁଳିଖୁଣ୍ଟି, ୨୧।୩(ସମିସ):** ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ନେଇଁ ତେନ୍ତୁଳିଖୁଣ୍ଟି ବିଜୁ ଜନତା ଦଳ ପକ୍ଷରୁ ନବରଙ୍ଗପୁର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ପାଣିଗ୍ରାହୀଙ୍କୁ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଉଲ୍ଲେଖ ରହିଥିବା ସମସ୍ତ ଦାବି ପୂରଣ ତଥା ସମାଧାନ ଦିଗରେ ଦୃଷ୍ଟି ଦିଆ ନ ଗଲେ ଆଗାମୀ ଦିନରେ ବ୍ଲକ ଘେରାଉ କରାଯିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। ତେନ୍ତୁଳିଖୁଣ୍ଟି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଗଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମକର୍ତ୍ତା ଓ ପଞ୍ଚାୟତ ପ୍ରତିନିଧି ନାରାବାଜି ଦେଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବ୍ଲକରେ ଚାଲିଥିବା ଅନିୟମିତତା ଓ ଦୁର୍ନୀତି ନେଇଁ ନାରାବାଜି କରିଥିଲେ। ଏହାପରେ ବିଡିଓ ଶ୍ରୀ ପାଣିଗ୍ରାହୀ ଙ୍କୁ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦୀର୍ଘ ମାସ ଧରି ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ନହେବା, ପଞ୍ଚାୟତ ସମିତିର ସଭ୍ୟ ସଭ୍ୟାଙ୍କ ଅଜାଣତରେ ପଞ୍ଚାୟତ ସମିତି ପାଣ୍ଠିର ବିନିଯୋଗ କରିବା, ଦୀର୍ଘ ମାସ ଧରି ନୂତନ ଭାବେ ଲାଗୁ ହୋଇଥିବା ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ନକରିବା, ପିଡିଏସ ଚାଉଳ ବଣ୍ଟନରେ ଅନିୟମିତତା, ବ୍ଲକର ଅଚଳ ନଳକୂପ ମରାମତି ନହେବା, ବିଗତ ଦିନରେ ଏଓଏନଓ ଓ ୫ ଟି ଯୋଜନାରେ ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟର ଟଙ୍କା ପୈଠ ନହେବା ଏବଂ ନିମ୍ନମାନର ଖେଳ ସାମଗ୍ରୀ ଅଣାଯାଇ ଅଳ୍ପ ପରିମାଣରେ ବଣ୍ଟନ କରି ଅର୍ଥ ହରିଲୁଟ କରିଥିବା ନେଇଁ ଦାବି ପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ବିଜେଡି ସଭାନେତ୍ରୀ ମଞ୍ଜୁଳା ମାଝୀ, ରାଜ୍ୟ ଯୁବ ବିଜେଡି ଉପସଭାପତି ତଥା ନନ୍ଦାହାଣ୍ଡି ଜିଲ୍ଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ଛାତ୍ର ବିଜେଡି ଜିଲ୍ଲା ସଭାପତି ବାବୁଲା ନାୟକ, ତେନ୍ତୁଳିଖୁଣ୍ଟି ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ଗୌଡ଼ ଦେଓପାଲି ସମିତି ସଭ୍ୟ ସୁଧୀର ଖୁରା, ପାତ୍ରପୁଟ ସରପଞ୍ଚ ଶିବାନନ୍ଦ ପ୍ରଧାନୀ, ବାବୁନି ନାୟକ, ସୁରେଶ ନାୟକ, ଟୁନାବାବୁ ଷଡ଼ଙ୍ଗୀ, ପିଙ୍କୁ ସାହୁ, ବାରିଜ ପଟ୍ଟନାୟକ, ଗୋଜେନ୍ଦ୍ର ସଗରିଆ, ସୁବାଷ ଗରଡ଼ାଙ୍କ ବହୁ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମାଧାନ ଦିଗରେ ଦୃଷ୍ଟି ଦିଆଯିବ ବୋଲି ବିଡିଓ ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।



ସକାଳ THE SAKALA



### ଓଡ଼ିଶା ସୀମାନ୍ତରେ ଜଳିଗଲା ଘରୋଇ ବସ୍

# ଅଳ୍ପକେ ବର୍ତ୍ତିଲେ ଚିତ୍ରକୋଣ୍ଡା ବିଧାୟକଙ୍କ ସମେତ ୪୨ ଯାତ୍ରୀ





**ମାଲକାନଗିରି/ପଟାଙ୍ଗି, ୨୧।୩(ସମିସ)**

ଭୁବନେଶ୍ୱରରୁ ମାଲକାନଗିରିକୁ ଫେରୁଥିବା ଏକ ଘରୋଇ ଯାତ୍ରୀବାହୀ ବସ୍‌ରେ ଓଡ଼ିଶା ସୀମାନ୍ତ ଆନ୍ଧ୍ରପ୍ରଦେଶର ବିଜୟନଗରମ ଜିଲା ଅଧିନସ୍ଥ ରାମଦ୍ରପୁରମ ନିକଟସ୍ଥ ତାରାପୁରମ ଗ୍ରାମ ନିକଟରେ ହଠାତ୍ ନିଆଁ ଲାଗିଯାଇଥିଲା। ଏଥିରୁ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ସମେତ ସେଥିରେ ବସିଥିବା ୪୨ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନାନୁଯାୟୀ ଭୁବନେଶ୍ୱର ଠାରୁ ମାଲକାନଗିରି ଅଭିମୁଖେ ଓଡ଼ି୦୨ସିଏସ ୪୦୦୨ ନମ୍ବର ବିଶିଷ୍ଟ ନୀଳକଣ୍ଠେଶ୍ୱର (ଅରେଞ୍ଜ) ନାମକ ଏକ ଘରୋଇ ସ୍ଲିପର୍ ବସ୍ ବିଧାୟକ ଶ୍ରୀ ଖିଲଙ୍କ ସମେତ ମୋଟ ୪୨ ଜଣ ଯାତ୍ରୀଙ୍କୁ ନେଇ ଆସୁଥିଲା। ଶନିବାର ଭୋର ପ୍ରାୟ ୪ଟା ସମୟରେ ହଠାତ୍ ଆନ୍ଧ୍ର ପ୍ରଦେଶର ତାରାପୁରମ ଗ୍ରାମ ନିକଟରେ ଟାୟାର ଫାଟି ବସ୍‌ରେ ନିଆଁ ଲାଗିଯାଇଥିଲା। ଡ୍ରାଇଭର ବସରୁ ଓହ୍ଲାଇ ବସ୍‌ର ପଛ ଚକା ପାଖରେ ରହିଥିବା ହାଉଜିଙ୍ଗ ନିକଟରେ ନିଆଁ ଲଗିଥିବା ଦେଖିବା ପରେ ସମସ୍ତଙ୍କୁ ସତର୍କ କରାଇଥିଲେ। ବସ୍‌ରେ ବସି ଫେରୁଥିବା ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ବସରୁ ଡେଇଁ ଡ୍ରାଇଭରର ସହଯୋଗରେ ବସ୍‌ରେ ରହିଥିବା ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଅନ୍ୟ ଏକ ବସରେ ଜୟପୁର ପଠାଇବାରେ ସହଯୋଗ କରିଥିଲେ। ଏହାପରେ ଲାଗିଥିବା ନିଆଁକୁ ପାଣି ପକାଇ ଆୟତ୍ତ କରିବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ନିଆଁ ନ ଲିଭିବାରୁ ବସ୍‌ରେ ରହିଥିବା ଅଗ୍ନି ନିର୍ବାପକ ଯନ୍ତ୍ର ବାହାର କରି ଲିଭାଇବା ସମୟରେ ବସ୍‌ର ବେଲୁନ ଫାଟିଯିବାରୁ ଆଉ ନିଆଁକୁ ଆୟତ୍ତ କରାଯାଇ ପାରିନଥିଲା। ପରେ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ବସ୍‌ରେ ରହିଥିବା ଜଣେ ମହିଳା ଯାତ୍ରୀ ସ୍ଲିପର୍‌ରେ ଶୋଇଥିବା ବେଳେ ସେ ପିନ୍ଧି ଥିବା ସୁନାକୁ କାଢି ତକିଆ ତଳେ ରଖି ଶୋଇଥିଲେ। ନିଆଁ ଲାଗିବା ଯୋଗୁଁ ନିଜ ଜୀବନ ବଞ୍ଚାଇବାକୁ ଯାଇ ବସରୁ ଓହ୍ଲାଇ ପଡ଼ିଥିଲେ। ତେବେ ନିଆଁ ଆୟତ୍ତ ହେବା ପରେ ଆନ୍ଧ୍ର ପୁଲିସ ସହାୟତାରେ ସୁନା ଖୋଜି ପାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ଆନ୍ଧ୍ର ଏବଂ ଅଗ୍ନିଶମ ବିଭାଗ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ପିକ୍‌ଅପ୍ ଭ୍ୟାନ୍ ଉପରେ ଚାପି ହୋଇଗଲା ଟ୍ୟାଙ୍କର



### ଅଳ୍ପକେ ବର୍ତ୍ତିଲେ ପିକ୍‌ଅପ୍ ଡ୍ରାଇଭର

**ରାୟଗଡ଼ା, ୨୧।୩(ସମିସ):** ରାୟଗଡ଼ା ସହରର ଦେଇ ଯାଇଥିବା ୩୨୬ ନଂ ଜାତୀୟ ରାଜପଥର ରାୟଗଡ଼ା-କୋରାପୁଟ ମୁଖ୍ୟ ରାସ୍ତା ଶିରିକଣା ଛକଠାରେ ଏକ ଟ୍ୟାଙ୍କର(ଏପି୩୯ଟିକେ ୪୫୧୯) ବ୍ରେକ୍ ଫେଲ ହେବାରୁ ଭାରସାମ୍ୟ ହରାଇ ରାସ୍ତା କଡକୁ ଓହ୍ଲାଇ ଯାଇ ରାସ୍ତା କଡରେ ଛିଡା ହୋଇଥିବା ଏକ ବୋଲେରୋ ପିକଅପ୍ (ଓଡି ୧୬ଜେ ୨୫୬୭)କୁ ଚାପି ଦେଇଥିଲା। ଟ୍ୟାଙ୍କର ଚାପାରେ ପିକ୍‌ଅପ୍‌ଟି ଚୁରମାର ହୋଇଯାଇଥିବା ବେଳେ ଦୁଇଟି ବଡ ବଡ ଗଛ ମଧ୍ୟ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଛି। ଏଥିରୁ ପିକ୍‌ଅପ୍ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ବିଦ୍ୟୁତ୍ ସରାବରାହ କରୁଥିବା ଏଲଟି ଲାଇନ କେବୁଲଗୁଡିକ ମଧ୍ୟ କିଛି ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଘଟଣା ସ୍ଥଳରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ତୁରନ୍ତ କେବୁଲ ମରାମତି କରିଥିବା ବେଳେ ଚୁରମାର ହୋଇଥିବା ବୋଲେରୋ ପିକଅପ ଓ ଦୁର୍ଘଟଣା ଗ୍ରସ୍ତ ଟ୍ୟାଙ୍କରକୁ ବାହାରକୁ କାଢିବା ପାଇଁ ଉଦ୍ୟମ କରାଯାଇଛି। ସୂଚନା ପ୍ରକାରେ, ବିଶାଖାପାଟଣମରୁ ରାୟଗଡ଼ା ଅଭିମୁଖେ ଆସିଥିବା ଟ୍ୟାଙ୍କରଟି ଆଜି ସହରର ସାଇ ଇଣ୍ଟରନ୍ୟାସନାଲ ଛକ ନିକଟରେ ଥିବା ଏକ ଗୋଦାମରେ ସିମେଣ୍ଟ ଅନଲୋଡ କରି ଫେରୁଥିବା ସମୟରେ ଶିରିକଣା ଛକ ଠାରେ ବ୍ରେକ୍ ଫେଲ୍ ହେବାରୁ ଭାରସାମ୍ୟ ହରାଇ ରାସ୍ତା କଡରେ ଛିଡା ହୋଇଥିବା ଏକ ବୋଲେରୋ ପିକ୍‌ଅପ୍ ଗାଡିକୁ ଏବଂ ଦୁଇଟି ଗଛକୁ ଧକ୍କା ଦେଇ ରାସ୍ତା ତଳକୁ ଖସିଯାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ସୌଭାଗ୍ୟବଶତଃ ରାସ୍ତା କଡରେ ଛିଡା ହୋଇଥିବା ପିକଅପ୍ ଡ୍ରାଇଭର ଗାଡିରୁ ଓହ୍ଲାଇ ବାହାରକୁ ଯାଇଥିବା ଯୋଗୁଁ ସେ ବର୍ତ୍ତିଯାଇଥିଲେ। ଟ୍ୟାଙ୍କର ଡ୍ରାଇଭର ରାୟଗଡ଼ା ଥାନାରେ ଅଟକ ଥିବା ଜଣାପଡ଼ିଛି।

## ଦୁଷ୍କର୍ମକାରୀକୁ ୨୫ ବର୍ଷ କାରାଦଣ୍ଡ

**ଜୟପୁର, ୨୧।୩(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଗତ ୨ ବର୍ଷ ପୂର୍ବେ ଏକ ୧୫ ବର୍ଷିୟା ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ୨୫ ବର୍ଷ ସଶ୍ରମ କାରାଦଣ୍ଡ ଦଣ୍ଡିତ କରିଛନ୍ତି। ଏହି ମାମଲାର ଅତିରିକ୍ତ ଜିଲ୍ଲା ଦୌରା ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍ ଡ. ସଂଘମିତ୍ରା ଦାଶ ବିଚାରଣ କରିବା ସହିତ ଆଜି ତାଙ୍କ ରାୟରେ ଅଭିଯୁକ୍ତ ସେମିଳିଗୁଡା ଥାନା କାଙ୍ଗରା ଗ୍ରାମର ଅଭିଯୁକ୍ତ ଲଇଛନ ଭୋଇଙ୍କ ବିରୋଧରେ ୯ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରିବା ସହିତ ଦୋଷୀ ସାବ୍ୟସ୍ତ କରି ସମୁଦାୟ ୪ଟି ଦଫାରେ ୨୫ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଟଙ୍କା ଅନାଦେୟ ସ୍ଥଳେ ଅଧିକ ୯ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବେ ବୋଲି ରାୟରେ ଶୁଣାଇଛନ୍ତି। ସେହିପରି ସରକାରଙ୍କ ପକ୍ଷରୁ ଆଇନସେବା ପ୍ରାଧିକରଣ ମାଧ୍ୟମରେ ପୀଡିତା ଓ ପରିବାରକୁ ୫ ଲକ୍ଷ ଟଙ୍କା ଏବଂ ଆଦାୟ ହୋଇଥିବା ଜରିମାନା ଟଙ୍କା ପ୍ରଦାନ କରିବାକୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମାମଲା ଅନୁଯାୟୀ, ଗତ ୨୦୨୪ ମସିହାରେ ଅଭିଯୁକ୍ତ ପୂଜା କରିବା ସହିତ ୧୫ ବର୍ଷିୟା ନାବାଳିକାଙ୍କ ଖରାପ ହୋଇଥିବା ଆଖି ଠିକ୍ କରିବା ନାମରେ କୋରାପୁଟ ଟାଉନଥାନା ଚେମିଆଗୁଡାର ଜଣେ ବ୍ୟକ୍ତି ଘରକୁ ବାରମ୍ବାର ଯାଇଥିଲେ। ପୂଜା ବାହାନାରେ ନାବାଳିକାଙ୍କୁ ଜୋରଜବରଦସ୍ତ ମଦ ପିଆଇ ଅଭିଯୁକ୍ତ ଦୁଷ୍କର୍ମ କରିଥିଲେ। ଏନେଇ ଗତ ୨୦୨୪ ମସିହାରେ ସେପ୍ଟେମ୍ବର ୨୪ ତାରିଖରେ ପୀଡିତାଙ୍କ ପିତାଙ୍କ ଏତଲା କ୍ରମେ କୋରାପୁଟ ଟାଉନଥାନାରେ ଏକ ମାମଲା (୨୭୩/୨୪) ରୁଜୁ ହୋଇଥିଲା। ସରକାରଙ୍କ ପକ୍ଷରୁ ଏହି ମାମଲା ସ୍ୱତନ୍ତ୍ର ସରକାରୀ ଆଇନଜୀବି ପି. ସନ୍ୟାସୀ ରାଓ ପରିଚାଳନା କରିଥିଲେ।

## ଜଳିଗଲା ଘର; ମହିଳା ଆହତ

**ଏମଭି୭୯ (ସମିସ), ୨୧।୩:** ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି ୭୯ ଗ୍ରାମରେ ଗ୍ୟାସ ଟାଙ୍କିରେ ନିଆଁ ଲାଗି ଏକ ଘର ଜଳିଯାଇଥିବା ବେଳେ ଜଣେ ମହିଳା ଆହତ ହୋଇଥିବା ଜଣାପଡ଼ିଛି। ସୁଚନା ଅନୁଯାୟୀ, ଏମଭି-୭୯ ଗ୍ରାମ ସ୍ଥିତ ବିବେକାନନ୍ଦ ଇଂଲିସ୍ ମିଡିଅମ ସମ୍ମୁଖରେ ଥିବା ଅଭିଜିତ ସାହାଙ୍କ ସ୍ତ୍ରୀ ଭବାନୀ ସାନା ଆଜି ସକାଳେ ରୋଷେଇ କରୁଥିଲେ। ଏହି ସମୟରେ



ଘରେ ପୂର୍ବରୁ ରଖାଯାଇଥିବା ପେଟ୍ରୋଲ ଜାରଟିର ଠିପି ଖୋଲା ଥିବାରୁ ଗ୍ୟାସ ଚୁଲାର ନିଆଁ ପେଟ୍ରୋଲ ଜାରରେ ଲାଗି ଯିବାରୁ ଅଚାନକ ନିଆଁ ଲାଗି ଯାଇଥିଲା। ମାତ୍ର କେଇକ୍ଷଣ ମଧ୍ୟରେ ନିଆଁ ସାରା ଘରକୁ ବ୍ୟାପି ଯାଇଥିବା ବେଳେ ଘରେ ଥିବା ଭବାନୀ ନିଆଁ ମଧ୍ୟରେ ଫସି ରହିଗଲେ। ଏହା ଦେଖି ଆଖପାଖ ଲୋକ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ସ୍ଥାନୀୟ ଲୋକେ ଆହତ ଭବାନୀଙ୍କୁ ଉଦ୍ଧାର କରି ଏମ୍‌ଭି ୭୯ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଉଥିବା ଜଣାପଡ଼ିଛି। ଅନ୍ୟପଟେ କାଲିମେଲା ଅଗ୍ନିଶମ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପୁରା ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଦୋକାନରେ ଥିବା ସାମଗ୍ରୀ, ଘରର ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଏ ନେଇ ସୂଚନା ପାଇ ଏମ୍‌ଭି ୭୯ ପୋଲିସ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡରେ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଥିବା ଦେଖିବାକୁ ମିଳିଛି।

## ପିଚୁ ରାସ୍ତା ଦେଖାଇ ମନରେଗା ଅର୍ଥ ହଡ଼ପ ଅଭିଯୋଗ

**କାଲିମେଲା, ୨୧।୩(ସମିସ):** ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ମହାରାଜପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ବିଲ୍ଲିଗୁଡ଼ା ଗ୍ରାମରେ ମନରେଗା ଅର୍ଥ ହଡ଼ପ ଅଭିଯୋଗ ହୋଇଛି। ସୂଚନା ମୁତାବକ, ବିଲ୍ଲିଗୁଡ଼ା ଗ୍ରାମରେ ମନରେଗା ଯୋଜନାରେ ନିର୍ମିତ କୋଡ଼୍ ନମ୍ବର ୧୦୫୧୧୧୬୨ ର ୨୦୨୧-୨୨ ଆର୍ଥିକ



ବର୍ଷରେ ଆରଡି ରାସ୍ତା ଠାରୁ ନଦୀ ଘାଟ ପର୍ଯ୍ୟନ୍ତ ଏକ ଡବ୍ଲୁବିଏମ୍ ରାସ୍ତାର ଅଳ୍ପ କିଛି କାମ ହୋଇଥିଲା। ଯାହାର ଅଟକଳ ମୂଲ୍ୟ ୮ ଲକ୍ଷ ୫୦ ହଜାର ଥିବା ବେଳେ କାମ ସମ୍ପୂର୍ଣ୍ଣ ହୋଇ ନଥିବାରୁ ସେତେବେଳେ ବିଭାଗୀୟ ଅଧିକାରୀ ଅର୍ଥ ପ୍ରଦାନ କରିନଥିବା ଜଣାପଡ଼ିଛି। କିନ୍ତୁ ବର୍ତ୍ତମାନ ଉକ୍ତ କାମ ସମ୍ପୂର୍ଣ୍ଣ କରା ନ ଯାଇ ଏହାର ଏମଏମଏସ କରାଯାଇ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ସରକାରୀ ଅର୍ଥ ହଡପ କରାଯାଇଥିବା ଅଭିଯୋଗ ହେଉଛି। ଏହା ୮ ଲକ୍ଷ ୫୦ ହଜାର ଟଙ୍କାର କାମ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ୪୨୭୨୨ ଟଙ୍କା ହଡ଼ପ ହୋଇଥିବା ଜଣାପଡ଼ିଛି। ଏହା ପୁରୁଣା କାମ ହୋଇଥିବା ବେଳେ ଉକ୍ତ ରାସ୍ତା ବର୍ତ୍ତମାନ ବିଟୁ ରାସ୍ତା ହୋଇଯାଇଥିବା ବେଳେ ଏହାର ଫେକ୍ ଏମଏମଏସ କରାଯାଇ ସରକାରୀ ଅର୍ଥ ଲୁଟ କରାଯାଉଥିବା ସ୍ଥାନୀୟ କିଛି ଲୋକ ନିଜର ନାମ ଗୋପନ ରଖି ଅଭିଯୋଗ କରିଛନ୍ତି। ଏହି ଦୁର୍ନୀତିର ପେଡ଼ି ଖୋଲିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଟିମ୍ ଗଠନ କରି ନିରପେକ୍ଷ ତଦନ୍ତ କଲେ ଲକ୍ଷାଧିକ ଟଙ୍କାର କେଳେଙ୍କାରୀ ସାମ୍ନାକୁ ଆସିବ ବୋଲି ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ କହିଛନ୍ତି। ଏନେଇ କାଲିମେଲା ବ୍ଲକ ଏଇଇ ସନ୍ତୋଷ କିର୍ଶାନିଙ୍କୁ ଯୋଗାଯୋଗ କରିବାରୁ ସେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ରାୟଗଡ଼ା ରେଳ ଓଭରବ୍ରିଜ ତଳେ ନିଆଁ

**ରାୟଗଡ଼ା, ୨୧।୩(ସମିସ):** ରାୟଗଡ଼ା ସହରର ୩୨୬ ନମ୍ବର ଜାତୀୟ ରାଜପଥରେ ଥିବା ରେଳ ଓଭରବ୍ରିଜ (ଆରଓବି) ତଳେ ଖଞ୍ଜା ଯାଇଥିବା ଲୁହା ପିଲର ଚତୁଃପାର୍ଶ୍ୱ ଶନିବାର ସକାଳେ ଭୟାଭୟ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ନିଆଁ ଲାଗିବାର କାରଣ



ଅସ୍ପଷ୍ଟ ଥିବା ବେଳେ ନିଆଁ ଲାଗି ଥିବା ଦେଖି ସ୍ଥାନୀୟ ଲୋକେ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅନ୍ୟପଟେ ରାୟଗଡ଼ା ଟାଉନ ଥାନା ପୁଲିସ ମଧ୍ୟ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଥାଉ କି, ରେଳ ଓଭରବ୍ରିଜର ଶୋଚନୀୟ ଅବସ୍ଥାକୁ ନେଇ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏହାର ପୁନରୁଦ୍ଧାର ତଥା ମରାମତି କାର୍ଯ୍ୟ ଆରମ୍ଭ ନିମନ୍ତେ ପ୍ରଶାସନକୁ ଅବଗତ କରାଯିବା ପରେ ଚଳିତ ବର୍ଷ ଜାନୁଆରୀ ୧୦ ତାରିଖରୁ ଏହା ଉପରେ ଯାତାୟାତରେ ନିଷେଧାଦେଶ ଲଗାଯାଇଥିଲା। ବ୍ରିଜ ତଳେ ବସି ବ୍ୟବସାୟ କରୁଥିବା ଛୋଟ ବଡ ବ୍ୟବସାୟୀଙ୍କୁ କାର୍ଯ୍ୟ ସମାପ୍ତ ପର୍ଯ୍ୟନ୍ତ ନ ବସିବାକୁ ବାରଣ କରାଯାଇଥିଲା। ଗତ ମାସରେ ବ୍ରିଜ ତଳର ସମସ୍ତ ସ୍ଥାନରେ ପୌର ପାଳିକା ତରଫରୁ ଲାଲ କନା ବନ୍ଧା ମଧ୍ୟ ଯାଇଥିଲା। ତେବେ ଉକ୍ତ ସ୍ଥାନରେ ଅଳିଆ ଆବର୍ଜନା ପକାଇବା ପାଇଁ ଅନ୍ୟମାନଙ୍କୁ ସୁବିଧା ହେବାରୁ ସମସ୍ତେ ସେଠାରେ ଆବର୍ଜନା ପକାଉଥିଲେ। ଆଜି ସକାଳେ ଉକ୍ତ ଅଳିଆ ଗଦାରେ ନିଆଁ ଲାଗି ତାହା ବ୍ରିଜକୁ ସପୋର୍ଟ କରୁଥିବା ଲୁହା ଗାର୍ଡର ଗୁଡିକୁ ବ୍ୟାପିଯାଇଥିଲା। ତେବେ ଏହି ଅଗ୍ନିକାଣ୍ଡ ପରେ ଲୁହା ଗାର୍ଡଗୁଡିକ ଅସୁରକ୍ଷିତ ହୋଇପଡ଼ିଛି।

### ଆରଟିଓ ବିଭାଗର ଧରପଗଡ଼

## ଚୋରା ବାଇକ ଜବତ, ୮୦ ହଜାର ଜୋରିମାନା ଆଦାୟ

**ରାୟଗଡ଼ା, ୨୧।୩ (ସମିସ):** ଜିଲ୍ଲା ସଡକ ସୁରକ୍ଷା ସମିତି ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶନୁସାରେ ରାୟଗଡ଼ା ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ବିନୟ କୁମାର ପାଉଲଙ୍କ ତତ୍ତ୍ୱାବଧାନରେ ବିଭାଗୀୟ ଅଧିକାରୀ ଓ ପୋଲିସ ମିଳିତ ଆନୁକୂଲ୍ୟରେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଯାଞ୍ଚ କଡାକଡି କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ୩୨୬ ନମ୍ବର ଜାତୀୟ ରାଜପଥ ରାୟଗଡ଼ା ସହରର ରାୟଗଡ଼ା-ଜେକେପୁର ମୁଖ୍ୟ ରାସ୍ତା ରିଲାଏନ୍ସ ପେଟ୍ରୋଲ ପମ୍ପ ସମ୍ମୁଖରେ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ସମୟରେ ଏକ ଚୋରା ବାଇକ ଜବତ କରାଯାଇ ସ୍ଥାନୀୟ ପୋଲିସକୁ ଜିମା ଦିଆଯାଇଛି। ଗାଡିର ପ୍ରକୃତ ମାଲିକଙ୍କୁ ବିଭାଗ ପକ୍ଷରୁ ସୂଚନା ଦିଆଯାଇ ଗାଡିର କାଗଜପତ୍ର ଦେଇ ରାୟଗଡ଼ା ଥାନାରୁ ଗାଡିଟି ନେବା ପାଇଁ ପରାମର୍ଶ ଦିଆଯାଇଛି। ଜବତ ହୋଇଥିବା ବାଇକଟି ନକଲି ନମ୍ବର ପ୍ଲେଟ (ଓଡି୧୮ ଏଫ ୦୧୪୩)ରେ ରାୟଗଡ଼ାରେ ବୁଲୁଥିବା ବେଳେ ଏହା ଭବାନୀପାଟଣାରୁ ଚୋରି ହୋଇଥିବା ଯାଞ୍ଚ ବେଳେ ଜଣାପଡ଼ିଛି। ବାଇକର ଅସଲି ନମ୍ବର ଓଡି୦୮ ଇ ୧୬୬୬ ହୋଇଥିବା ବେଳେ ଏହାକୁ ଧରି ବୁଲୁଥିବା ବାଇକ ଚାଳକ ଏହାକୁ ସେକେଣ୍ଡ ହ୍ୟାଣ୍ଡ ସୋରୁମରୁ କିଣିଥିବା ଜଣାଇଛନ୍ତି। ଆଜିର ଏହି ଯାଞ୍ଚ ବେଳେ ଟ୍ରାଫିକ୍ ନିୟମ ଉଲଂଘନକାରୀଙ୍କ ଠାରୁ ମୋଟ ୮୦ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ସ୍ଥଳେ ମୋଟର ଯାନ ନିରୀକ୍ଷକ ଦୁର୍ଗା ପ୍ରସାଦ ରାଓ, କନିଷ୍ଠ ମୋଟର ଯାନ ନିରୀକ୍ଷକ ସଂଗ୍ରାମ କିଶୋର ବେହେରା, ଟିଆଇ ଝସକେତନ ଭରାସଗରିଆ ଏବଂ ଅନ୍ୟମାନେ ସାମିଲ ଥିଲେ। ଆଜି ମାର୍ଚ୍ଚ ୨୧ରୁ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ୧୧ଦିନ ବ୍ୟାପି ପରିବହନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଚାଲିବ ବୋଲି ଆରଟିଓ ବିନୟ କୁମାର ପ୍ରକାଶ କରିଛନ୍ତି।

## ୟୁଜିଏମ୍‌ଆଇଟିରେ ବାର୍ଷିକ ସାଂସ୍କୃତିକ ଉତ୍ସବ



**ରାୟଗଡ଼ା, ୨୧।୩(ସମିସ):** ରାୟଗଡ଼ା ସହରର ସ୍ଥାନୀୟ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଶିକ୍ଷା ଅନୁଷ୍ଠାନ (ୟୁଜିଏମଆଇଟି)ରେ ୨୦୨୫ - ୨୬ ଶିକ୍ଷାବର୍ଷ ପାଇଁ ବାର୍ଷିକ ସାଂସ୍କୃତିକ ଉତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଇମ୍ଫା ଥେରୁବାଲିର ସିନିୟର ଜେନେରାଲ ମ୍ୟାନେଜର ଜି.ଭି. ରାକେଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଡ. ବାବୁରାଓ ମହାନ୍ତି ଓ ପୂର୍ବତନ ସହକାରୀ ଶିକ୍ଷ ଅଧିକାରୀ, ଜିଲ୍ଲା ଶିକ୍ଷ କେନ୍ଦ୍ର, ରାୟଗଡ଼ ସବ୍ୟସାଚୀ ସାହୁ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ବିଶିଷ୍ଟ କବି ଦ୍ୱିତୀଚନ୍ଦ୍ର ସାହୁ ଯୋଗଦେଇଥିଲେ। ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହାପରେ ସଂସ୍କୃତି ବିଭାଗ ଦାୟିତ୍ୱ ତୁଲାଉଥିବା ଭାରପ୍ରାପ୍ତ ଅଧିକାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଜୋନାଲ୍‌ସ୍ତରର ପଲିଫେଷ୍ଟ ବିଜେତାଙ୍କୁ ସମ୍ମାନିତ କରିବା ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ପୁରାତନ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



**କାଲିମେଲା, ୨୧।୩(ସମିସ):** ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି - ୭୯ ହାଇସ୍କୁଲରେ ପୁରୁଣା ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ବନ୍ଧୁ ମିଳନରେ ୧୯୯୦-୨୦୦୦ ବ୍ୟାଚ୍‌ର ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଯୋଗ ଦେଇଥିଲେ। ଏହି ପରିପେକ୍ଷୀରେ ପୁରୁଣା ସ୍ମୃତିକୁ ମନେ ପକାଇ ଆତ୍ମବିଭୋର ହୋଇପଡ଼ିଥିଲେ ବନ୍ଧୁ ମାନେ। ବର୍ଷ ବର୍ଷ ଧରି ଛାଡ଼ିଯାଇଥିବା ପ୍ରାକ୍ତନ ଛାତ୍ରଛାତ୍ରୀ ପୁରୁଣା ଦିନର ସ୍ମୃତି ଚାରଣ କରିଥିଲେ। ଏହି ଉତ୍ସବରେ ଶିକ୍ଷକମାନଙ୍କୁ ସମ୍ମାନିତ କରାଯିବା ସହ ପାରସ୍ପରିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆଲୋଚନା ସଭା ଆୟୋଜନ କରାଯାଇଥିଲା। ଏହି ଅବସରରେ ପ୍ରତ୍ୟେକ ବାଲ୍ୟ ବନ୍ଧୁ ଏବଂ ବାନ୍ଧବୀମାନେ ନିଜ ନିଜ ଅଭୁଲା ସ୍ମୃତିକୁ ବଖାଣିଥିଲେ। ପରେ ଭୋଜି ଭାତ ଓ ନାଚଗୀତର ଆୟୋଜନ ହୋଇଥିଲା।

## ସିୱାଇଏସ୍‌ଡି କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା

**ମାଲକାନଗିରି, ୨୧।୩(ସମିସ):** ମାଲକାନଗିରି ବକ୍ଲର ସିନ୍ଧ୍ରିମାଳ ଗ୍ରାମ ପଞ୍ଚାୟତ ସଭାଗୃହରେ ସିୱାଇଏସ୍‌ଡି ପରିଚାଳିତ ଶିଶୁଗୃହ (କ୍ରେଚ୍) କାର୍ଯ୍ୟକ୍ରମର ଏକ ସାମାଜିକ ସମୀକ୍ଷା ପଞ୍ଚାୟତ ପ୍ରତିନିଧି, ପ୍ରକଳ୍ପର ହିତାଧିକାରୀ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ୮ଟି ଗ୍ରାମ ପଞ୍ଚାୟତ ଗୋଷ୍ଠୀ ସଦସ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ



ମାଲକାନଗିରି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସିୱାଇଏସ୍‌ଡିର ବରିଷ୍ଠ ପରିଚାଳକ ଅମିତ୍ କୁମାର ମହାପାତ୍ର ଓ ରମେଶ ଚନ୍ଦ୍ର ସ୍ୱାଇଁ ସାମଜିକ ସମୀକ୍ଷାର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ସାମଜିକ ସମୀକ୍ଷା ପାଇଁ ପ୍ରକଳ୍ପ ତରଫରୁ ସମ୍ପାଦିତ କାର୍ଯ୍ୟକ୍ରମର ବିଶଦ ବିବରଣୀ ଏବଂ ଆର୍ଥିକ ବ୍ୟୟର ବିବରଣୀ ପୋଷ୍ଟର ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ସିୱାଇଏସ୍‌ଡି କାର୍ଯ୍ୟକର୍ତ୍ତାମାନେ ଶିଶୁ ଘର କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆୟବ୍ୟୟର ବିବରଣୀ ଅତି ବିସ୍ତୁତ ଭବରେ ଉପସ୍ଥାପନ କରିଥିଲେ। ଉପସ୍ଥିତ ହିତାଧିକାରୀମାନେ ତଥ୍ୟର ତର୍ଜମା କରିବା ସହିତ ଅଧିକ ଜାଣିବା ପାଇଁ ପ୍ରଶ୍ନ କରି ସିୱାଇଏସ୍‌ଡି କାର୍ଯ୍ୟକର୍ତ୍ତା ମାନଙ୍କଠାରୁ ଉତ୍ତର ପାଇଥିଲେ। ଶିଶୁ ଘର ପ୍ରକଳ୍ପ ୭ ମାସରୁ ୩ ବର୍ଷ ଶିଶୁମାନଙ୍କ ପୃଷ୍ଟି ସାଧନରେ ସକ୍ରୀୟ ସହଯୋଗ କରୁଛି, ପିତାମାତା ଉଭୟ କାମ କରିପାରୁଛନ୍ତି ଏବଂ ପରିବାରର ଅନ୍ୟ ଶିଶୁମାନେ ବିଦ୍ୟାଳୟକୁ ଯାଇପରୁଛନ୍ତି ବୋଲି ଉପସ୍ଥିତ ବ୍ୟକ୍ତି ବିଶେଷମାନେ ମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ କ୍ରେଚ୍ ସେଣ୍ଟରରେ ଶିଶୁପ୍ରିୟ ଶୌଚାଳୟ, ସେଣ୍ଟର ଚତୁର୍ପାଶ୍ୱ ବାଡ, ସ୍ଥାୟୀ କ୍ରେଚ୍ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ରେଖା ଶୁଭ ସୁନ୍ଦର ଶିଶୁଘର କାର୍ଯ୍ୟକ୍ରମ ବିଷୟରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିନ୍ଧ୍ରିମାଳ, ପେଡ଼ାକୋଣ୍ଡା ଏବଂ ଚାଲାନଗୁଡା ପଞ୍ଚାୟତର ସରପଞ୍ଚ ଘାଶି ନାୟକ, ଲାକ୍ମା କବାଶି ଓ ଅରକ୍ଷିତ ନାୟକ ଯୋଗଦେଇ ସ୍ଥାୟୀ କ୍ରେଚ୍ ଗୃହ ନିର୍ମାଣ ପାଇଁ ପଞ୍ଚାୟତ ସକ୍ରୀୟ ଭୁମିକା ଗ୍ରହଣ କରିବ ବୋଲି ମତ ପ୍ରକାଶ କରିଥିଲେ। ଏଥିରେ ୮ଟି ଗ୍ରାମ ପଞ୍ଚାୟତରୁ ହିତାଧିକାରୀ, ତୃଣମୂଳସ୍ତରୀୟ କର୍ମକର୍ତ୍ତା, ପଞ୍ଚାୟତ ପ୍ରତିନିଧି, ସରକାରୀ ବିଭାଗୀୟ ପ୍ରତିନିଧିଙ୍କୁ ମିଶାଇ ୨୫୦ ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ। ଶିଶୁଗୃହ ପ୍ରକଳ୍ପ ସଂଯୋଜକ ଶେଖ୍ ଫୌଜିଲଲି ଦୌଲା ଓ ସିୱାଇଏସ୍‌ଡିର ଜିଲ୍ଲା ସଂଯୋଜକ ଦେବଜିତ ବେଉରା ଏହାର ପରିଚାଳନା କରିଥିଲେ।

# ଡୁମୁରିଗୁଡ଼ାରୁ ରାଇପାହାଡ଼କୁ ରାସ୍ତା ନିର୍ମାଣ ଆରମ୍ଭ





**ନନ୍ଦପୁର, ୨୧।୩(ସମିସ)**

ବହୁଦିନ ଧରି ଚର୍ଚ୍ଚାରେ ଥିବା ରାଇପାହାଡ଼ ଗ୍ରାମର ମୌଳିକ ସମସ୍ୟା ନେଇ ପ୍ରଶାସନ ଶେଷରେ ସଚେତନ ହୋଇଛି। ଗ୍ରାମକୁ ସଂଯୋଗ କରିବା ପାଇଁ ଦୀର୍ଘଦିନର ଦାବୀ ପୂରଣ ହେବାକୁ ଯାଉଛି। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅନ୍ତର୍ଗତ ଡୁମୁରିଗୁଡ଼ା ଠାରୁ ରାଇପାହାଡ଼ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଆଶା ଓ ଆନନ୍ଦର ଲହରୀ ଖେଳିଯାଇଛି। ବର୍ଷ ବର୍ଷ ଧରି ବିଜେଡି ଦୁର୍ଗମ ପରିସ୍ଥିତିରେ ଜୀବନଯାପନ କରୁଥିବା ଲୋକେ ବର୍ତ୍ତମାନ ସୁବିଧାର ଆଶା ଦେଖୁଛନ୍ତି। ବିଶେଷକରି ବର୍ଷା ଋତୁରେ ଗ୍ରାମକୁ ଯାତାୟାତ ପୂରାପୂରି ଦୁଃସାଧ ହୋଇଯାଉଥିବା ବେଳେ ଏହି ରାସ୍ତା ଗ୍ରାମବାସୀଙ୍କ ପାଇଁ ଏକ ବଡ଼ ସହାୟତା ହେବ ବୋଲି ଆଶା କରାଯାଉଛି। ରାସ୍ତା ନିର୍ମାଣ ଆରମ୍ଭ ହୋଇଥିବା ସତ୍ତ୍ୱେ ଗ୍ରାମର ଅନ୍ୟାନ୍ୟ ମୌଳିକ ସମସ୍ୟା ଏପର୍ଯ୍ୟନ୍ତ ଅପହଞ୍ଚ ହୋଇ ରହିଛି। ଗ୍ରାମରେ ଆନ୍ଧ୍ର ବିଦ୍ୟୁତ୍ ସଂଯୋଗ ଓ

### ବିଦ୍ୟୁତ୍ ଓ ପାଣି, ଜଙ୍ଗଲ ଜମି ପଟ୍ଟା କେବେ?

ପିଇବା ପାଣି ଏବେ ପର୍ଯ୍ୟନ୍ତ ଦୁଆର ମୁହଁରେ ପଡ଼ି ରହିଛି। ତେବେ ଓଡ଼ିଶା ବିଦ୍ୟୁତ୍ ଓ ପାଣି ରାଇପାହାଡ଼ବାସୀଙ୍କ ଦ୍ୱାରା ଗାଁ ମୁହଁରୁ ଘର ଅଗଣାରେ ପଶିବା ଅପେକ୍ଷାରେ ରହିଛି। ତତ୍ ସହିତ ଓଡ଼ିଶା ଜଙ୍ଗଲ ଜମିକୁ ଓଡ଼ିଶା ମୋହର ଲାଗି ଗ୍ରାମବାସୀଙ୍କୁ କେବେ ପଟ୍ଟା ପ୍ରଦାନ କରାଯିବ ତାହାକୁ ଗ୍ରାମବାସୀ ଅପେକ୍ଷା କରିଛନ୍ତି। ତେବେ ଉଭୟ ଆନ୍ଧ୍ର ଓ ଓଡ଼ିଶା ମଧ୍ୟରେ ଦୀର୍ଘ ତିନି ବର୍ଷ ତଳେ ସହମତି, ଆଲୋଚନା ନିଷ୍ପତ୍ତି ପରେ ମଧ୍ୟ କାର୍ଯ୍ୟକାରୀରେ ବିଳମ୍ବକୁ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆନ୍ତରିକତା ଉପରେ ପ୍ରଶ୍ନ ଉଠିଛି। ବର୍ତ୍ତମାନ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଉପରେ ସୀମାନ୍ତବାସୀଙ୍କ ଆସ୍ଥା ରହିଥିବା ବେଳେ ବିଳମ୍ବକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

## ବିଶ୍ୱ କଣ୍ଢେଇ ଦିବସ



**କୋରାପୁଟ, ୨୧।୩(ସମିସ):** କୋରାପୁଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁ ବାଟିକା ବିଭାଗରେ ବିଶ୍ୱ କଣ୍ଢେଇ ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କୋରାପୁଟର ବରିଷ୍ଠ ସାମ୍ବାଦିକ ସିଏଚ ଶାନ୍ତାକାର ଯୋଗଦେଇ କଣ୍ଢେଇ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ । କଣ୍ଢେଇ ହେଉଛି ମା ତାଙ୍କ ପିଲାର ପ୍ରଥମ ଶିକ୍ଷକ ହେବାର ଏକ ଉପାୟ ବୋଲି ମତବ୍ୟକ୍ତ କରିଥିଲେ । ଯେତେବେଳେ ମାଆ ତାଙ୍କ ପିଲା ପାଇଁ ଘରର ଉପଯୁକ୍ତ ଜିନିଷପତ୍ରକୁ କଣ୍ଢେଇ ଭାବରେ ରୂପାନ୍ତରିତ କରିବାକୁ ଚେଷ୍ଟା କରନ୍ତି, ପିଲାଟି ମଧ୍ୟ ଅଧିକ ସୃଜନଶୀଳ ହେବାକୁ ଶିଖେ ବୋଲି ସେ କହିଥିଲେ । ପରିଚାଳନା କମିଟିର ସମ୍ପାଦକ ବିଭୁଦତ୍ତ ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କଣ୍ଢେଇ ଶିଶୁଟି ପାଇଁ ଆମୋଦପ୍ରମୋଦର ଉପଯୁକ୍ତ ମାଧ୍ୟମ ଏବଂ ଏହା ପିଲାଙ୍କୁ ମୋବାଇଲ ଠାରୁ ଦୂରେଇ ରଖେ ବୋଲି କହିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ଦୋରା ମଞ୍ଚାସିନ ଅତିଥିଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିଶୁ ବାଟିକା ପ୍ରମୁଖ ଦୌପଦୀ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲ । କଣ୍ଢେଇ ନାଚ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିବା ବେଳେ ସମସ୍ତ ଗୁରୁମା ସହଯୋଗ କରିଥିଲେ ।

**ଜୟପୁର:** ଜୟପୁର ଶାରଦାବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବିଶ୍ୱ କଣ୍ଢେଇ ଦିବସ ପାଳନ ହୋଇଥିଲା । ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସତ୍ୟ ନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପର୍ଯ୍ୟାୟ ପ୍ରମୁଖ ରାମଚନ୍ଦ୍ର ମହାନ୍ତି ଯୋଗଦେଇ ବିଶ୍ୱ କଣ୍ଢେଇ ଦିବସର



ମହତ୍ତ୍ୱ ଏବଂ ଶିଶୁଙ୍କ ସର୍ବାଙ୍ଗିନ ବିକାଶ ଦିଗରେ କଣ୍ଢେଇର ଭୂମିକା କ'ଣ ସେ ସମ୍ପର୍କରେ ନିଜ ଅଭିଭାଷଣ ମତ ପ୍ରକାଶ କରିଥିଲେ । ମାଟି, ଗୋବର, କାଗଜ, କାଠ, କପଡ଼ା ଏବଂ ତୁଳାରେ ନିର୍ମିତ କଣ୍ଢେଇକୁ ନେଇ ପ୍ରଦର୍ଶନୀ କରାଇବା ସହ ଶିଶୁମାନଙ୍କୁ କେଉଁ ପ୍ରକାରର କଣ୍ଢେଇ ଖେଳିବା ପାଇଁ ଦିଆଯିବା ଉଚିତ ସେ ସମ୍ପର୍କରେ ସମସ୍ତ ଶିଶୁ ବାଟିକା ବିଭାଗ ଗୁରୁମାମାନେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସର୍ବମୋଟ ୬୫ ଜଣ ଶିଶୁଙ୍କ ସହ ୮୭ ଜଣ ଅଭିଭାବକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହାୟକ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାର ସମସ୍ତ ଦାୟୀତ୍ୱରେ ବିଦ୍ୟାମନ୍ଦିରର ଗୁରୁଜି ଗୁରୁମା ଏବଂ ସେବକ ସେବିକା ପୂର୍ଣ୍ଣ ସହଯୋଗ କରିଥିଲେ ।

## ଘନଉଛି ରନ୍ଧନ ଗ୍ୟାସ୍ ସଙ୍କଟ

# କେୱାଇସି ପାଇଁ ବିତରଣ କେନ୍ଦ୍ରରେ ଭିଡ଼

ବୈପାରୀଗୁଡା, ୨୧।୩(ସମିସ)

ବୈପାରୀଗୁଡାରେ ରନ୍ଧନ ଗ୍ୟାସର କୌଣସି ଅଭାବ ନାହିଁ ଏବଂ ଯଥେଷ୍ଟ ପରିମାଣରେ ମହଜୁଦ ଅଛି ବୋଲି ଗ୍ୟାସ ଏଜେନ୍ସି ତରଫରୁ ସୂଚନା ମିଳିଛି । ଖାଉଟିମାନେ ଆତଙ୍କିତ ନ ହେବାକୁ




ପରାମର୍ଶ ଦିଆଯାଇଛି । ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଟାଙ୍ଗିଣୀଗିଡା ସ୍ଥିତ ଏଚପି ଗ୍ୟାସ ବିତରକ ଘନଶ୍ୟାମ ମହାନ୍ତିଙ୍କ ସୂଚନା ଅନୁଯାୟୀ, ମାଲକାନଗିରି ଏବଂ କୋରାପୁଟ ଜିଲ୍ଲାର ମୋଟ ଆଠଟି ବ୍ଲକର ୩୫ ହଜାର ୮ ଶହ ୬୦ ଜଣ ଗ୍ରାହାକ ଅଛନ୍ତି । କୋରାପୁଟ ଜିଲ୍ଲାର ଚାରିଟି ବ୍ଲକ ଯଥା ବୈପାରୀଗୁଡା, ଲମତାପୁଟ, କୁନ୍ଦୁରା, ନନ୍ଦପୁର ଏବଂ ମାଲକାନଗିରି ଜିଲ୍ଲାର ମାଥିଲି, ଖଇରପୁଟ, କୁଡୁମୁଲୁଗୁମ୍ମା, ଚିତ୍ରକୋଣ୍ଡା ଅଞ୍ଚଳ ପାଇଁ ଏଚପି ଗ୍ୟାସ ମହଜୁଦ ଅଛି । ଏମାନଙ୍କ ପାଇଁ ଗ୍ୟାସ ଯୋଗାଇ ଦେବାରେ କୌଣସି ଅସୁବିଧା ନାହିଁ, କିନ୍ତୁ ଓଟିପି ଏବଂ ଇ-କେୱାସି ଜରୁରୀ ବୋଲି କହିଛନ୍ତି । ଘରୋଇ ଗ୍ୟାସ ସିଲିଣ୍ଡର ଏବଂ ଅଙ୍ଗନବାଡି, ସ୍କୁଲ, କଲେଜ ହଷ୍ଟେଲ ଶିକ୍ଷାନୁଷ୍ଠାନ ଭଳି

### ଆତଙ୍କିତ ନ ହେବାକୁ ଏଜେନ୍ସିର ପରମର୍ଶ

ଅତ୍ୟାବଶ୍ୟକୀୟ ଅଣ-ଘରୋଇ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ଗ୍ୟାସ ଯୋଗାଇ ଦିଆଯାଉଛି । ଗତ ୫ ତାରିଖ ଦିନ କେନ୍ଦ୍ର ସରକାର ନିର୍ଦ୍ଦେଶ ରହିଥିଲା ଯେ, ଗ୍ରାମାଞ୍ଚଳରେ ଘରୋଇ ଗ୍ୟାସ ସିଲିଣ୍ଡର ପାଇଁ ବୁକିଂ ଅବଧି ୨୧ ଦିନରୁ ୨୫ ଦିନକୁ ବୃଦ୍ଧି କରାଯାଇଥିଲା । କିନ୍ତୁ ଯୁଦ୍ଧ ପରିସ୍ଥିତିକୁ ଦେଖି ତାହା ଏବେ ୨୫ ଦିନରୁ ୪୫ ଦିନକୁ ବୃଦ୍ଧି କରାଯାଇଛି । ଜନ ସାଧାରଣ ଅଯଥା ଗ୍ୟାସ ଷ୍ଟକ୍ ନକରିବାକୁ ନିବେଦନ କରାଯାଇଛି ।

## ରାଇଘରରେ ଚିନ୍ତାରେ ହୋଟେଲ ମାଲିକ

**ରାଇଘର, ୨୧।୩(ସମିସ):** ସବୁଆଡେ ଦିନକୁ ଦିନ ଘନେଇବାରେ ଲାଗିଛି ରନ୍ଧନ ଗ୍ୟାସ ସଙ୍କଟ । ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ହୋଟେଲ କରି ପେଟ ପୋଷୁଥିବା ହୋଟେଲ ମାଲିକ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି । ପ୍ରକାଶ ଥାଉ କି ଇରାନ୍, ଆମେରିକା ଇସ୍ରାଏଲ ଯୁଦ୍ଧ ଯୋଗୁଁ ସାରା ବିଶ୍ୱରେ ଜାଲେଣି ଗ୍ୟାସ୍ ସମସ୍ୟା ସୃଷ୍ଟି ହେବା ଫଳରେ ଘରୋଇ ଗ୍ୟାସ୍ ବ୍ୟବହାର ନେଇ ପ୍ରଶାସନ ପକ୍ଷରୁ ତାଗିଦ



କରାଯାଇଛି । ଯାହା ଫଳରେ ଜଳଖିଆ, ମିଠା ଦୋକାନ ଓ ମିଲ୍ସ ହୋଟେଲରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଗ୍ୟାସ୍ ସମସ୍ୟା ଯୋଗୁଁ ହୋଟେଲ ମାଲିକ ଏବେ କାଠ ଚୁଲିର ସାହାରା ନେଉଛନ୍ତି । ପୂର୍ବରୁ ଗଚ୍ଛିତ ରଖିଥିବା ବେପାରୀ ବର୍ତ୍ତମାନ ଲୁଚା ଚୋରାରେ ଚଢ଼ା ଦରରେ ଗ୍ୟାସ ସିଲିଣ୍ଡର ବିକ୍ରି କରୁଥିବା ଖବର ମିଳିଛି ।

## କୁନ୍ଦୁଲୀ ଗୁରୁକୁଳ ଆଶ୍ରମର ବାର୍ଷିକୋତ୍ସବ



ସେମିଳିଗୁଡା, ୨୧।୩(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ ଅନ୍ତର୍ଗତ କୁନ୍ଦୁଲୀ ସ୍ଥିତ ଆଦିମ ଗୁରୁକୁଳ ଆଶ୍ରମର ବାର୍ଷିକୋତ୍ସବ ଆରମ୍ଭ ହୋଇଯାଇଛି । ଏହି ଉତ୍ସବରେ ସକାଳୁ ସକାଳୁ ବିଭିନ୍ନ ଗ୍ରାମରୁ ଶୁଭ କଳସ ଧରି ମହିଳାମାନେ ପହଞ୍ଚିଥିଲେ । ନିକଟସ୍ଥ ନଦୀରୁ ଜଳ ଆଣି ଏକ ବିରାଟ କଳସ ଯାତ୍ରା ଆଶ୍ରମରେ ପହଞ୍ଚି ଥିଲା । ଏହାପରେ ସନାତନ ଧର୍ମର ପ୍ରତୀକ ଆର୍ଯ୍ୟ ସମାଜର ଗୈରିକ ପତାକା ଉତ୍ତୋଳନ କରାଯାଇ ଥିଲା । ଆଶ୍ରମର ଯଜ୍ଞଶାଳାରେ ପଞ୍ଚକୁଣ୍ଡୀୟ ସର୍ବ ମଙ୍ଗଳ ଯଜ୍ଞର ଆୟୋଜନ କରାଯାଇଥିଲା । ଯଜ୍ଞ ପରେ ଧାର୍ମିକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ମୁଖ୍ୟଅତିଥି ଭାବରେ ସୁନାବେଡାର ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ଓ କୋରାପୁଟ ଡିଏସପି ହୃଷୀକେଶ ମେହେର ଓ ଅନ୍ୟ ଅତିଥିମାନେ ଆଶ୍ରମର କୁଳପତି ପୂର୍ବତନ ସାଂସଦ ଜୟରାମ ପାଙ୍ଗୀ, ଅଧ୍ୟକ୍ଷ ଆନନ୍ଦ କୁମାର ପାଟୱାନିଆ, ଆଚାର୍ଯ୍ୟ ବିନୟ କୁମାର ବୈଦିକ, ଆମସେନା ଗୁରୁକୁଳ ଆଶ୍ରମର ଆଚାର୍ଯ୍ୟ କୁଞ୍ଜଦେବ ମନିଷୀ, ସୁନାବେଡା ରାଧାକୃଷ୍ଣ ମନ୍ଦିରର ପର୍ବତ ମହାରାଜ ଯୋଗ ଦେଇଥିଲେ । ଅତିଥିମାନଙ୍କ ମଧ୍ୟରୁ କୁଞ୍ଜଦେବ, ରାଜେନ୍ଦ୍ର କୁମାର ପାତ୍ର, ଆଚାର୍ଯ୍ୟ ବିନୟ କୁମାର ବୈଦିକ, ହୃଷୀକେଶ ମେହେର, ପର୍ବତ ମହାରାଜ, ଶିକ୍ଷାବିତ ଡ. ଚିତ୍ତରଞ୍ଜନ ମିଶ୍ର, ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ର ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଗୁରୁକୁଳର ଅନ୍ତେବାସୀ ବିଦ୍ୟାର୍ଥୀମାନେ ତୃତୀୟ ନୟନ ଦୃଶ୍ୟ ଉପସ୍ଥାପନ ସହ ବେଦ ସମ୍ପର୍କୀତ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ । ଆଶ୍ରମର ଆଚାର୍ଯ୍ୟ ମନୁଦେବ ମଞ୍ଚ ପରିଚାଳନା କରିବାସହ ବିଭିନ୍ନ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ । ସ୍ୱାମୀ ବଲ୍ଲଭ ମୁନୀ ବାନପ୍ରସ୍ଥି ପରିଣତ ବୟସରେ ମଧ୍ୟ ସୁନ୍ଦର ଭଜନ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇ ଥିଲେ । ସନ୍ଧ୍ୟା ।ରେ ବିଭିନ୍ନ ଶାରୀରିକ କୌଶଳ ପ୍ରଦର୍ଶନ ସହ ବିଦ୍ୟାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅବିଭକ୍ତ କୋରାପୁଟ ଜିଲ୍ଲାର କୋଣ ଅନୁକୋଣ, ଓଡ଼ିଶାର ବିଭିନ୍ନ ସ୍ଥାନରୁ ସାଧୁସନ୍ଥ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଆଶ୍ରମର କୋଷାଧ୍ୟକ୍ଷ ଡ. ଜଳେନ୍ଦ୍ର କୁମାର ତ୍ରିପାଠୀ ପରିଚାଳନା କରିଥିଲେ । ଡ. ସୁରେନ୍ଦ୍ର କହଁର ଓ ସମସ୍ତ ଆଚାର୍ଯ୍ୟ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିଥିଲେ । ବାର୍ଷିକୋତ୍ସବ ଦୁଇ ଦିନ ଧରି ଚାଲିବ ।

## ଜିଲ୍ଲା କାରାଗାରରେ ପରାମର୍ଶ କେନ୍ଦ୍ର ଓ ବୃତ୍ତିଗତ ତାଲିମ କେନ୍ଦ୍ରର ଶୁଭାରମ୍ଭ

**ମାଲକାନଗିରି, ୨୧।୩(ସମିସ):** ମାଲକାନଗିରି ଜିଲ୍ଲା କାରାଗାରରେ ଅନ୍ତେବାସୀ ତଥା କଏଦୀ ମାନଙ୍କୁ ସ୍ୱାବଲମ୍ବୀ ଓ ମାନସିକ ଏବଂ ଶାରୀରିକସ୍ତରରେ ସୁସ୍ଥ ରଖିବା ପାଇଁ ଜେଲ ପ୍ରଶାସନ ପକ୍ଷରୁ ପରାମର୍ଶ କେନ୍ଦ୍ର ଓ ବୃତ୍ତିଗତ ତାଲିମ, ଶିକ୍ଷାଦାନ କେନ୍ଦ୍ରର ଶୁଭାରମ୍ଭ କରଯାଇଛି । କାରାଗାର ପରିସରରେ ହୋଇଥିବା ଏହି କେନ୍ଦ୍ରର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସଙ୍ଗୀତା ପାତ୍ର ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଏହାର ଉଦ୍‌ଘାଟନ କରିଥିଲେ । ଜେଲ ଅଧୀକ୍ଷକ ଦିଲୀପ କୁମାର ଜେନା, ଜେଲର ଦିଲ୍ଲୀପ କୁମାର ବେହେରା, ଜେଲ କଲ୍ୟାଣ ଅଧିକାରୀ ସଂଗ୍ରାମ



କିଶୋର ମଲ୍ଲିକ, ଅସିଷ୍ଟାଣ୍ଟ ଜେଲର ନକୁଳ କୁମାର କବି, ମାନସ ତ୍ରିପାଠୀ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ତେବେ କାରାଗାରରେ ଥିବା କଏଦୀମାନେ ଏହି କେନ୍ଦ୍ରରେ ସିଲେଇ, ଫିନାଇଲ ତିଆରି, ୱେଲ୍ଡିଂ, ବୈଦୁତିକ କାର୍ଯ୍ୟ ଭଳି ବିଭିନ୍ନ ବୃତ୍ତିଗତ ତାଲିମ ନେଇ ପାରିବେ । ସେହିପରି କଏଦୀମାନଙ୍କୁ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ତ ରଖିବା ଏହି କେନ୍ଦ୍ରରେ ବିଶେଷଜ୍ଞମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାଶ ପରାମର୍ଶ ଦିଆଯିବାର ବ୍ୟବସ୍ଥା ସହ କଏଦୀମାନେ ଚାହିଁଲେ ନିଜର ଯୋଗ୍ୟତା ଅନୁଯାୟୀ ବିଭିନ୍ନ ଶିକ୍ଷା ଗ୍ରହଣ କରିବାର ବ୍ୟବସ୍ଥା ରହିଛି । ଏହି କେନ୍ଦ୍ର କଏଦୀ ମାନଙ୍କୁ ଆଗାମୀ ଦିନରେ ସମ୍ମାନର ସହ ବଞ୍ଚିବାର ରାହା ଦେଖାଇବା ସହ ତାଙ୍କୁ ସୁସ୍ଥ ରଖିବାରେ ସହାୟକ ହେବ ବୋଲି ଉପସ୍ଥିତ ଅତିଥିମାନେ ମତ ରଖିଥିଲେ ।

# ବିଭିନ୍ନ ସ୍ଥାନରେ ଇଦ୍ -ଉଲ୍-ଫିତର୍









କୋରାପୁଟ, ୨୧।୩(ସମିସ)

ଏକ ମାସ ରୋଜା ପାଳନ ପରେ କୋରାପୁଟ ସହରରେ ମୁସଲୀମ ସମ୍ପ୍ରଦାୟର ଭାଇ ଭଉଣୀ ମହା ଆଡମ୍ବର ସହକାରେ ଶନିବାର ଇଦ-ଉଲ-ଫିତର ପାଳନ କରିଛନ୍ତି । ପୂର୍ବାହ୍ନରେ ମୁସଲମାନ ଧର୍ମାଲମ୍ବୀମାନେ ନୂଆ ପୋଷାକ ପରିଧାନ କରି ସ୍ଥାନୀୟ ମସ୍‌ଜିଦରେ ଏକତ୍ରିତ ହୋଇ ପରସ୍ପରକୁ ଇଦର ଶୁଭେଚ୍ଛା ଜଣାଇବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ମସଜିଦରୁ ଏକ ଶୋଭାଯାତ୍ରାରେ ବାହାରି ଢେପ ସାହି ସ୍ଥିତ ଇଦଘାରେ ପହଞ୍ଚିବା ପରେ ସେଠାରେ ଇମାମ ମୂଜାମିଲ ହୁସେନ କୋରାନ ପାଠ କରିବା ସହ ଭଗବାନ ଆହ୍ଲାଙ୍କ ନୀତିବାଣୀ ଶୁଣାଇଥିଲେ । ସ୍ଥାନୀୟ ମସଜିଦ କମିଟିର ସଭାପତି ଏ ଏ ଖାନ୍, ଉପସଭାପତି ଏମ୍‌ଡି ହୁସେନ୍, ସମ୍ପାଦକ କୁଦରତ୍ ନୁର୍ ଖାନଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ଜୟପୁର:** କୋରାପୁଟ ଜିଲ୍ଲା ଜୟପୁର ସହରରେ ପବିତ୍ର ରାମଜାନ ମାସ ଗତକାଲି ସଂଧ୍ୟାରେ ଶେଷ ହୋଇଥିବା ବେଳେ ଶନିବାର ଇଦ-ଉଲ-ଫିତର ଆନନ୍ଦ ଉଲ୍ଲାସରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ପାଳିତ ହୋଇଯାଇଛି । ଜୟପୁର ସହରର ସୁନ୍ନି ମୁସଲମାନ ସମ୍ପ୍ରଦାୟ ସ୍ଥାନୀୟ ଖ୍ରୀଷ୍ଟିଆନ ପେଟା ଛକ ଠାରେ ରହିଥିବାତ ଇଦଗା ପଡ଼ିଆଠାରେ ମିଳିତ ହୋଇ ବିଭିନ୍ନ ପର୍ଯ୍ୟାୟରେ ପୂର୍ବାହ୍ନ ୯ ଟା ଠାରୁ ନମାଜ ପାଠ କରିଥିଲେ । ପବିତ୍ର ରାମଜାନ ମାସରେ ମୁସଲମାନ ଧର୍ମାଲମ୍ବୀମାନେ ଉପବାସ ପାଳନ କରିଥିଲେ । ମାସର ଅନ୍ତିମ ଦିବସରେ ଅମାବାସ୍ୟା ପରେ ପ୍ରତିପଦାର ପ୍ରଥମ ଚନ୍ଦ୍ର ଦେଖିବା ପରେ ସଂଧ୍ୟାରେ ଦର୍ଶନ ପରେ ଉପବାସ ଭଙ୍ଗ କରିବା ସହିତ ଏହାର ପରଦିନ ଇଦ-ଉଲ-ଫିତର ମିଳିତ ଭାବେ ପାଳିଥାଆନ୍ତି । ଆଜି ପୂର୍ବାହ୍ନରୁ ସମସ୍ତ ମୁସଲମାନ ସମ୍ପ୍ରଦାୟର ଶିଶୁ, ବାଳକ, ବାଳିକା, ଯୁବକ ଯୁବତୀ ଏବଂ ବୟସ୍କ ମାନେ ନୂତନ ପୋଷାକ ପିନ୍ଧିଥିଲେ । କେବଳ ପୁରୁଷ ମାନେ ଇଦଗା ପଡ଼ିଆ ଠାରେ ମିଳିତ ଭାବେ ନମାଜ ପାଠ କରିବା ପରେ ସ୍ଥାନୀୟ ଜାମବାଡ ସାହି ସ୍ଥିତ ଶ୍ମଶାନଠାରେ ନିଜ ନିଜର ପୂର୍ବପୁରଷଙ୍କ ସମାଧି ନିକଟରେ ଧୂପକାଠି ଏବଂ ଫୁଲଦେଇ ଶ୍ରଦ୍ଧାଞ୍ଜଳି ଦେବା ସହ ପ୍ରାର୍ଥନା କରିଥିଲେ । ଏହି ଅବସରରେ ସମସ୍ତେ ନିଜ ନିଜ ଗୃହରେ ବିଭିନ୍ନ ସୁସ୍ୱାଦ ରନ୍ଧନ କରିବା ସହ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ପରିବାର ସମସ୍ତେ ଏକତ୍ର ଖାଇବା ସହ ବନ୍ଧୁବର୍ଗ ଏବଂ ଗରୀବ ଶ୍ରେଣୀର ଲୋକଙ୍କୁ ପ୍ରଦାନ କରିଥିଲେ । ଜୟପୁର ସୁନ୍ନି ଅଞ୍ଜୁମନ କମିଟି ପକ୍ଷରୁ ଇଦଗା ପଡ଼ିଆରେ ଆୟୋଜିତ ନମାଜ ପାଠରେ ସ୍ଥାନୀୟ ମକ୍କା ମସଜିଦର ମୌଲାନା ହାଫିଜ ସମ୍ପିଉଲ୍ଲା ନମାଜ ପାଠ ସହ ସମ୍ପ୍ରଦାୟ ଲୋକମାନଙ୍କୁ ପ୍ରାର୍ଥନା କରାଇଥିଲେ । ସୁନ୍ନି ମୁସଲମାନ ଅଞ୍ଜୁମନ କମିଟିର ସଭାପତି ମୁସ୍ତାଫା ବେଗ୍, ଉପସଭାପତି ମହମ୍ମଦ ଆକବର ବେଗ୍, ମହମ୍ମଦ ଆବବର ହୁସେନ ଏବଂ ସମ୍ପାଦକ ମହମ୍ମଦ ସକିଲ ପ୍ରମୁଖ ଉପସ୍ଥିତ ଥିଲେ । ଭାଇଚାରାରା ସହର ଜୟପୁରଠାରେ ହିନ୍ଦୁ ସମ୍ପ୍ରଦାୟର ଯୁବକମାନେ ମୁସଲମାନ ବନ୍ଧୁମାନଙ୍କୁ ଏହି ଅବସରରେ ଶୁଭକାମନା ଜଣାଇଥିଲେ ।

**ନନ୍ଦପୁର:** ଶନିବାର ମୁସଲବାନ୍ ଭାଇ ଭଉଣୀ ମାନେ ସ୍ଥାନୀୟ ଥିବା ବାବାଙ୍କ ପୀଠରେ ସମୂହ ନମାଜ ପାଠ କରି ଆଲ୍ଲାଙ୍କୁ ଧନ୍ୟବାଦ୍ ଜଣାଇଥିଲେ । ପରେ ସମସ୍ତେ ଖୁସିରେ ମିଠା ଖୁଆଇ ଆଲିଙ୍ଗନ କରି ପରସ୍ପରକୁ ଶୁଭେଛା ଶୁଭକାମନା ଜଣାଇଥିଲେ ।

**ଚନ୍ଦାହାଣ୍ଡି:** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅଧିନସ୍ଥ ସୁନ୍ନୀ ରଜୱି ଜାମା ମସଜିଦ ମୋହରା ଏବଂ ବେହେରାମୁଣ୍ଡା ଜାମା ମସଜିଦ୍ ଆନୁକୂଲ୍ୟରେ ପବିତ୍ର ଇଦ୍ -ଉଲ-ଫିତର୍ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଯିତ ଏକ ଶୋଭାଯାତ୍ରାରେ ସୁନ୍ନୀ ମୁସଲମାନ ଭାଇମାନେ ଯୋଗଦେଇ ମୋହରା ମସଜିଦ୍ ପରିସରରେ ଏକତ୍ରିତ ହୋଇ ଇଦଗାରେ ପହଞ୍ଚିଥିଲେ । ମୌଲାନା ସୋହେବ ରଜାଙ୍କ ପୌରୋହିତ୍ୟରେ ଇଦ୍ ର ନମାଜ ପାଠ କରିବା ପରେ ସମସ୍ତେ ପରଷ୍ପରକୁ ଇଦ୍ ମୁବାରକ ଅଭିନନ୍ଦନ ଜଣାଇଥିଲେ । ନମାଜ ପାଠ ପରେ ସମସ୍ତେ ସୁଖ ସମୃଦ୍ଧି ନିମନ୍ତେ ଆଲ୍ଲାଙ୍କ ଠାରେ ଦୁଆ ମାଗିବା ସହ ଶ୍ମଶାନକୁ ଯାଇ ନିଜ ପରିବାରର ଇହଧାମ ତ୍ୟାଗ କରିଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ଏହି ଅବସରେର ପବିତ୍ର ରମଜାନ ମାସରେ ଏକ ମାସ ତରାବି ନମାଜ ପାଠରେ କୋରାନ ପାଠ ଶୁଣାଇଥିବା ହାଫିଜ୍ ସୋହେବ ରଜାଙ୍କୁ ମୋହରା ମସଜିଦ୍ କମିଟି ତରଫରୁ ୪୧ ହଜାର ଟଙ୍କା ନଜରାନା ପ୍ରଦାନ କରାଯାଇଥିଲା । ସେହିଭଳି ଅନାଥ ପିଲାମାନେ ପଢୁଥିବା ଆଶ୍ରମକୁ ପଠେଇବା ନିମନ୍ତେ ୮ ହଜାର ଟଙ୍କା ଆଦାୟ କରାଯାଇଥିଲା । ଏହା ପରେ ସମସ୍ତେ ନିଜ ନିଜ ଘରକୁ ଯାଇ ବୟୋଜ୍ୟେଷ୍ଠଙ୍କ ଆଶିର୍ବାଦ ନେବା ସହ ପୁରୀ, ସିମିଆ ଆଦି ବାଣ୍ଟିଥିଲେ । ଏଥିରେ ସଭାପତି ହାଜି ମହମ୍ମଦ ରଫିକ, ସମ୍ପାଦକ ମହମ୍ମଦ ହୁସେନ, ଉପ-ସଭାପତି ଆକବର ଅଲ୍ଲି, ଜବାର ଅଲ୍ଲୀ, ମହମ୍ମଦ ଇଲିୟାସ, ମହମ୍ମଦ ହନିଫ, ମହମ୍ମଦ ୟୁନୁସ, ମହମ୍ମଦ ସଫିକ, ମୁରାଦୁ ଅଲ୍ଲୀ, ସଲମାନ ରଜା, ସହିଦ ଅଲ୍ଲୀ, ମହମ୍ମଦ ରିଜଓାନ, ମହମ୍ମଦ ଇକବାଲ, ଅବଦୁଲ କୟୁମ, ସାହାଦତ ଅଲ୍ଲି, ହାଜି ମହମ୍ମଦ ଇଶା, ମୁମତାଜ ଅଲ୍ଲୀ, ମକବୁଲ ଅଲ୍ଲୀ, ଖଲିଲ ଅଲ୍ଲୀ, ମହମ୍ମଦ ଅସଫାକ ପ୍ରମୂଖ ଉପସ୍ଥିତ ଥିଲେ ।

**ପାପଡ଼ାହାଣ୍ଡି:** ସନ୍ଧ୍ୟା ଅର୍ଦ୍ଧ ଚନ୍ଦ୍ର ଦୃଶ୍ୟମାନ ପରେ ପାପଡ଼ାହାଣ୍ଡି ଏବଂ ଜଟାବାଲ ଗ୍ରାମର ମୁସଲିମ ଭାଇ ଓ ଭଉଣୀମାନେ ଇଦ୍ ପର୍ବ ପାଳନ କରିଥିଲେ । ସମସ୍ତେ ମୁସଲିମ ଭାଇମାନେ ଇଦଗାଁ ଠାରେ ଶନିବାର ସକାଳ ୮ ଘଣ୍ଟା ସମୟରେ ନମାଜ ପାଠ କରିଥିଲେ । ଏହାପରେ ପରସ୍ପରକୁ ଶୁଭକାମନା ଜଣାଇଥିଲେ । ଦେଶ ପାଇଁ ଶାନ୍ତି କାମନା, ସମସ୍ତଙ୍କ ଆରୋଗ୍ୟ ନିମନ୍ତେ, ପୂର୍ବଜ ପରିବାର ସଦସ୍ୟମାନଙ୍କ ପାଇଁ ପ୍ରାର୍ଥନା କରିଥିଲେ । ଏହାପରେ ପରଷ୍ପରକୁ ମିଶି ଆଶୀର୍ବାଦ ଗ୍ରହଣ କରିଥିଲେ ଏବଂ କୁନି କୁନି ପିଲାମାନଙ୍କୁ ବଡ ଲୋକମାନେ ଟଙ୍କା ଦେଇ ଶୁଭକାମନା ଜଣାଇଥିଲେ । ଏହାପରେ ପରସ୍ପରଙ୍କ ଘରେ ଯାଇ ବଡ ଲୋକଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ ।

**କୋଷାଗୁମୁଡ଼ା:** ପବିତ୍ର ଇଦ୍ -ଉଲ-ଫିତର ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା, କୋଡ଼ିଙ୍ଗାଠାରେ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଏକ ଶୋଭାଯାତ୍ରାରେ ମୁସଲମାନ ଭାଇମାନେ ଯୋଗଦେଇ ମସଜିଦ୍ ପରିସରରେ ଏକତ୍ରିତ ହେବା ସହ ସେଠାରୁ ଇଦଗା ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ । ଏହାପରେ ମୌଲାନା ଇଦ୍ ର ନମାଜ ପାଠ କରିବା ପରେ ସମସ୍ତେ ପରଷ୍ପରକୁ ଇଦ୍ ମୁବାରକ ଅଭିନନ୍ଦନ ଜଣାଇଥିଲେ । ନମାଜ ପାଠ ପରେ ସମସ୍ତେ ସୁଖ ସମୃଦ୍ଧି ନିମନ୍ତେ ଆଲ୍ଲାଙ୍କ ଠାରେ ଦୁଆ ମାଗିବା ସହ କବର ସ୍ଥାନକୁ ଯାଇ ନିଜ ପରିବାରର ଇହଧାମ ତ୍ୟାଗ କରିଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ଏହାପରେ ସମସ୍ତେ ନିଜ ନିଜ ଘରକୁ ଯାଇ ବୟୋଜ୍ୟେଷ୍ଠଙ୍କ ଆଶିର୍ବାଦ ନେବା ସହ ପୁରୀ, ସିମିଆ ଆଦି ବାଣ୍ଟିଥିଲେ । ଏଥିରେ ସଭାପତି ଏମ୍‌ଡି ମେହେବୁବ, ଅମଜାଦ ଖାନ, ଏହମଦ ଖାନ, ଏମ୍‌ଡି ଫରିଦ୍ ଖାନ, ଅବଦୁଲ ଖାନ, ସାଏଦ ଜାଫୋର, ଆରିଫ ଖାନ, ଅଫଜଲ ଖାନ, ଆସିଫ ଖାନ ପ୍ରମୁଖ ଉପସ୍ଥିତ ଥିଲେ ।



**ଉମରକୋଟ:** ଉମରକୋଟ ଅଞ୍ଜୁମନ ଇସ୍ଲାମିୟା କମିଟି ପକ୍ଷରୁ ମହାଆଡମ୍ବର ସହ ଏହି ପର୍ବ ପାଳିତ ହୋଇଛି । ଏହି ପରିପେକ୍ଷୀରେ ମୁସଲମାନ ଭାଇ ଭଉଣୀ ଓ ଶିଶୁମାନେ ଏକତ୍ରିତ ହୋଇ ମସଜିଦ ନିକଟରୁ ଉମରକୋଟ ଆଞ୍ଜୁମନ ଇସ୍ଲାମିୟା କମିଟି ସଭାପତି ମହମ୍ମଦ ସଲିମ ରାଠୋର ଏବଂ ପୂର୍ବତନ ସଭାପତି ଖାଲିଦ ଜିଲାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାହାରି ରାଇଘର ରୋଡ଼ ସ୍ଥିତ ଇଦ୍‌ଗା ନିକଟରେ ପହଁଞ୍ଚି ଥିଲେ । ପରେ ସମସ୍ତେ ଏକତ୍ରିତ ହୋଇ ଉମରକୋଟ ଅଞ୍ଚଳରେ ଭାଇଚାରା ବଜାୟୀ ରହିବା ଓ ବିଶ୍ୱ ଶାନ୍ତି ପାଇଁ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି ପାର୍ଥନା ସଭାରେ ଆଞ୍ଜୁମନ ଇସ୍ଲାମିୟା କମିଟି ସଭାପତି ମହମ୍ମଦ ସଲିମ ରାଠୋର ଉପସ୍ଥିତ ସମସ୍ତଙ୍କୁ ଭାଇଚାରାର ବାର୍ତ୍ତା ବାଣ୍ଟିବା ସହ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଅପିଲ କରିଥିଲେ । ମସଜିତର ଉନ୍ନତି ନିମନ୍ତେ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ । ପରେ ପିଲାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ମିଶି ବନ୍ଧୁ ମିଳନର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ମୁସଲିମ ଭାଇ ଭଉଣୀମାନେ ପରସ୍ପର ଙ୍କୁ ଇଦ ମୁବାରକ ଜଣାଇଥିଲେ । ଶେଷରେ ଉପସ୍ଥିତ ଅଭାବୀ ଓ ଗରିବଙ୍କୁ ଦାନ ଧର୍ମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଞ୍ଜୁମନ ଇସ୍ଲାମିୟା କମିଟିର ଉପସଭାପତି ସହଜାଦା ରିଜିଭି, ସମ୍ପାଦକ ଅଲ୍ଲୀ ଲାଠିଆ, ଯୁଗ୍ମ ସମ୍ପାଦକ ଶେଖ ଅନିଶ, ଇନୁଷ ମାଲକାନୀ, ଉମର ହିଙ୍ଗରା, ମମୁ ସତାର ହିଙ୍ଗୋରା, ମହମ୍ମଦ ଇବ୍ରାହିମ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚଳିତ ବର୍ଷ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଯୁଦ୍ଧ ଲାଗିରହିଥିବା ଯୋଗୁଁ ବିଶ୍ୱ ଶାନ୍ତି ପାଇଁ ଆଲ୍ଲାଙ୍କ ନିକଟରେ ପ୍ରାଥନା କରାଯାଇଛି ବୋଲି ଅଞ୍ଜୁମନ ଇସ୍ଲାମିୟା କମିଟି ଉମରକୋଟର ସଭାପତି ସଲିମ ରାଠୋର ଏବଂ ପୂର୍ବତନ ସଭାପତି କେ. ତନଭୀର ଜିଲାନି କହିଛନ୍ତି ।

